## ଗୋପନୀୟ ଭିଡିଓକୁ ଭାଇରାଲ ଧମକ ଦେଇ ଯୁବକ ଗିରଫ

ବାଲିଅନ୍ତା,(ଡି.ଏନ୍.ଏ.)- ମହିଳାଙ୍କ ଗୋପନୀୟ ଭିଡିଓ ଓ ଫଟୋକୁ ସାମାଜିକ ଗଣମାଧମରେ ଛାଡ଼ିବା ଧମକ ସହ ୫୦ ହଜାର ଟଙ୍କା ଦାବି କରିବା ଅଭିଯୋଗରେ ପାହାଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲେଶ୍ୱରର ଖଇରା ଥାନା ଅଞ୍ଚଳର ବିଜୟ୍ କୁମାର ଜେନା(୩୭)।

## ସଂକ୍ଷେପରେ

### ଅଶାଳୀନ ମନ୍ତବ୍ୟ ଅଭିଯୋଗରେ ୱେବ୍ ମିଡିଆ ମାଲିକ ଗିରଫ

ଭୁବନେଶ୍ୱର,୨୭।୩(ବ୍ୟୁରୋ) ସାମାଜିକ ଗଣମାଧମରେ ଏକ ଘରୋଇ ଚ୍ୟାନେଲ ଓ ଏହାର ସମ୍ପାଦକଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ଏକ ୱେବ୍ ମିଡିଆ ମାଲିକଙ୍କୁ ଗିରଫ କରିଛି । ସେ ହେଲେ ସୁଧାଂଶୁ ରାଉତ । ଏନେଇ ପୋଲିସ ଆଇପିସି ଦଫା ୨୯୪ ,୩୨୩ ,୫୦୬ ,୫୦୯ ଓ ଆଇଟି ଆକ୍ଟ ୬୭ ଭଳି ଦଫାରେ ଏକ ମାମଲା ରୁଜୁ କରି ସୋମବାର ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । କେନ୍ଦୁଝର ଜିଲା ବଡବିଲର ଏକ ଲଜରେ କମିଶନରେଟ ପୋଲିସର ସ୍ୱତନ୍ତ୍ର ଟିମ ରବିବାର ବିଳମ୍ବିତ ରାତିରେ ଚଢାଉ କରି ସୁଧାଂଶୁଙ୍କୁ ଗିରଫ କରିଥିଲା ।

### ସରିତା ପଣ୍ଡା ବିଏଆଇର କାର୍ଯ୍ୟନିର୍ବାହୀ କମିଟିରେ ମନୋନୀତ



ଭୁବନେଶ୍ୱର, ୨୭।୩ (ବ୍ୟୁରୋ) ଓଡ଼ିଶାର ପ୍ରତିନିଧିତ୍ୱ କରିବାକୁ ବାର୍ ଆସୋସିଏସନ୍ ଅଫ୍ ଇଣ୍ଡିଆ (ବିଏଆଇ)ର କାର୍ଯ୍ୟନିର୍ବାହୀ କମିଟିରେ ଓଡ଼ିଶା ହାଇକୋର୍ଟ ଆଇନଜୀବୀ ସରିତା ପଣ୍ଡା ମନୋନୀତ ହୋଇଛନ୍ତି। ଗତ ୨୫ ତାରିଖରେ ଏନେଇ ବିଏଆଇ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପଣ୍ଡା ୨୦୧୪ରେ କଟକସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ଆଇନଜୀବୀ ଅନିନ୍ଦିତା ପୂଜାରୀ ଏବଂ ଅବସରପ୍ରାପ୍ତ ଜଷ୍ଟିସ ବିକ୍ରମଜିତ ସେନଙ୍କ ଅଧୀନରେ ସୁପ୍ରିମକୋର୍ଟରେ ମଧ ଓକିଲାତି କରିଛନ୍ତି। ସେ ଜଣେ ଉତ୍ସାହି ବକ୍ତା ଏବଂ ଭୁବନେଶ୍ୱର ବାର୍ ଆସୋସିଏସନ୍ ଦ୍ୱାରା ମଧ ପୁରସ୍କୃତ ହୋଇଛନ୍ତି। ସେ ଦକ୍ଷତା ବିକାଶ ସମେତ ବିଭିନ୍ନ ପ୍ରକାର କାର୍ଯ୍ୟକଳାପରେ ରାଜ୍ୟର ଅନେକ ଏନ୍‌ଜିଓ ସହିତ ଜଡ଼ିତ ଅଛନ୍ତି।

### ଡେରାସରେ ବିଜେଡି କର୍ମୀ ସମ୍ମିଳନୀ

ବାରଙ୍ଗ,୨୭।୩(ଡି.ଏନ୍.ଏ.)- ମେଣ୍ଢାଶାଳ ପଞ୍ଚାୟତର ଡେରାସବନ୍ଧଠାରେ ଅର୍ଜୁନ ପରିଡାଙ୍କ ନେତୃତ୍ୱରେ ବିଜେଡିର କର୍ମୀ ସମ୍ମୀଳନୀ ଅନୁଷ୍ଠିତ ହୋଇଯାଇଛି। ଜଟଣୀ ନିର୍ବାଚନମଣ୍ଡଳୀର ୩୧ଟି ପଞ୍ଚାୟତରେ ସଙ୍ଗଠନ ସୁଦୃଢ଼ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ଦଳର ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଭ୍ୟମାନେ ଲୋକଙ୍କୁ ଜଣାଇବା ସହ ଏହାର ଲାଭ କିଭଳି ଉଠାଇପାରିବେ ତାହା ମଧ କହିବେ ବୋଲି ଦଳର ବରିଷ୍ଠ ନେତାମାନେ ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଜ୍ଜନସିଂ, ହୁଲାସ ଜେନା, ଟାଙ୍ଗିଆପଡା ନାରିନେତ୍ରୀ କଲ୍ୟାଣୀ ଦଳେଇ, ପ୍ରିୟରଞ୍ଜନ ଭୋଇ, ଆଶିଷ ରଞ୍ଜନ ମହାପାତ୍ର, କାଳନ୍ଦୀ ସ୍ୱାଇଁ, ପବିତ୍ର ପରିଡା, ଛତାବର ପଞ୍ଚାୟତର ନାରିନେତ୍ରୀ ପ୍ରଭାତି ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ।

# ଶିଶୁ ପ୍ରତିଭାର ମହକ ସାରା ବିଶ୍ୱରେ ପହଞ୍ଚୁ

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ ଓ ଉତ୍ସାହ' ଉଦ୍‌ଘାଟିତ



ଅନ୍ୟମାନଙ୍କ ଉପସ୍ଥିତିରେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଆକାଶକୁ ବେଲୁନ୍ ଛାଡି ରାଜ୍ୟସ୍ତରୀୟ ଶିଶୁ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

ଶିଶୁଙ୍କ ଅନ୍ତର୍ନିହିତ ତଥା ଲୁକ୍କାୟିତ ପ୍ରତିଭାର ଉନ୍ମେଷ ଓ ବିକାଶ ଅତ୍ୟାବଶ୍ୟକ। ସେମାନଙ୍କ ପ୍ରତିଭାର ମହକ ସାରା ବିଶ୍ୱରେ ପହଞ୍ଚିବା ଦରକାର ବୋଲି ରାଜ୍ୟ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ କହିଛନ୍ତି। ସୋମବାର କଳିଙ୍ଗ ଷ୍ଟାଡିୟମ୍‌ଠାରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଶିଶୁପ୍ରଯତ୍ନ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ ଓ ଉତ୍ସାହ' ଆରମ୍ଭ ହୋଇଛି। ଏହାକୁ ଉଦ୍‌ଘାଟନ କରି ମନ୍ତ୍ରୀ କହିଲେ, ଆଜିର ଶିଶୁ ଆଗାମୀ କାଲିର ଭବିଷ୍ୟତ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବା ସହ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ। ସୃଜନଶୀଳତା ଓ ବୌଦ୍ଧିକ ଗୁଣର ପରିପ୍ରକାଶ କ୍ଷେତ୍ରରେ ଶିଶୁ ମହୋତ୍ସବ 'ମହକ' ଭଳି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ସହାୟକ ହୋଇପାରିଛି। ଶିଶୁ ଉତ୍ସବ କେବଳ ଶିଶୁଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ନୁହେଁ, ଏହାଦ୍ୱାରା ଶିଶୁଙ୍କ ମଧ୍ୟରେ ନୃତ୍ୟ, ଗୀତ ଭଳି କଳାର ବିକାଶ ସହ ତର୍କ, ରଚନା, କୁଇଜ ଭଳି ବୌଦ୍ଧିକ କସରତ ସମ୍ଭବ ହୋଇଥାଏ ବୋଲି ମନ୍ତ୍ରୀ କହିଥିଲେ।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶୁଭା ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ, ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ' ହେଉଛି ମୁଖ୍ୟମନ୍ତ୍ରୀଙ୍କ ଶିଶୁଙ୍କ ପ୍ରତି ସ୍ନେହ ଓ ସଦିଚ୍ଛାର ଅଂଶବିଶେଷ। ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ପରିସ୍ଫୁଟନ କ୍ଷେତ୍ରରେ ଏହି ଶିଶୁ ଉତ୍ସବର ମହତ୍ତ୍ୱପୂର୍ଣ୍ଣ ଭୂମିକା ଅନସ୍ୱୀକାର୍ଯ୍ୟ। ସମ୍ମାନିତ ଅତିଥି ଭାବେ ବିଭାଗୀୟ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା ସୁମିତ୍ରା ଜେନା ଯୋଗଦେଇ ମତ ରଖିଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ରେଗା ଗୀତାରାଣୀ ପଟ୍ଟନାୟକ ସ୍ୱାଗତ ଭାଷଣ ଏବଂ ଓଡ଼ିଶା ରାଜ୍ୟ ଶିଶୁପ୍ରଯତ୍ନ ଅନୁଷ୍ଠାନର କାର୍ଯ୍ୟକ୍ରମ ପରିଚାଳକ ପ୍ରୀତିକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ନନ୍ଦନକାନନରୁ ମିଜୋରାମ ଗଲା ୨ ବାଘ

## ଅଦଳବଦଳରେ ଆସିବ ୩ ପ୍ରଜାତିର ୫ ଜନ୍ତୁ

ବାରଙ୍ଗ,୨୭।୩(ଡି.ଏନ୍.ଏ.)

ଦୀର୍ଘଦିନର ବ୍ୟବଧାନ ପରେ ନନ୍ଦନକାନନରେ ଆରମ୍ଭ ହୋଇଛି ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା। ଏହି ପ୍ରକ୍ରିୟାରେ ନନ୍ଦନକାନନରୁ ସୋମବାର ଅପରାହ୍ନରେ ଦୁଇ ସାଧାରଣ (ନାଲି) ବାଘ ମିଜୋରାମର ଆଇଜଲ ଚିଡ଼ିଆଖାନାକୁ ପଠାଯାଇଛି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ନନ୍ଦନକାନନ କର୍ତ୍ତୃପକ୍ଷ ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ଗୋଟିଏ ୫ବର୍ଷର ଅଣ୍ଡିରା ସାଧାରଣ(ନାଲି) ବାଘ 'କୁନ୍ଦନ' ଓ ଅନ୍ୟଟି ୫ବର୍ଷର ମାଈ ସାଧାରଣ(ନାଲି) ବାଘୁଣୀ 'ଆଦାଶ୍ୟା'ଙ୍କୁ ପଠାଇଛନ୍ତି। ଏହି ବାଘ ନେବା ପାଇଁ ଆଇଜଲ ଚିଡିଆଖାନାର ୮ଜଣିଆ ଦଳ ଗତ ଶୁକ୍ରବାର ରାତିରେ ନନ୍ଦନକାନନରେ ପହଞ୍ଚିଥିଲେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଚିଠି ନନ୍ଦନକାନନରେ ପହଞ୍ଚିବାରୁ କର୍ତ୍ତୃପକ୍ଷ ସୋମବାର ଦିନ କୁନ୍ଦନ ରହୁଥିବା ୩୦ନମ୍ବର ଏନକ୍ଲୋଜର ଓ ଆଦାଶ୍ୟା ରହୁଥିବା ବାଘ ସଫାରୀ ଫିଡିଙ୍ଗ ଚାମ୍ବରରେ ଦୁଇଟି ଯନ୍ତା ଭିତରେ ଜୀବନ୍ତ କୁକୁଡା ଓ ମଇଁଷି ମାଂସ ରଖି ଦୁଇଟି ବାଘକୁ କାବୁକରିବାରେ ସକ୍ଷମ ହୋଇଥିଲେ। ପରେ କ୍ରେନ ସାହାଯ୍ୟରେ ମିଜୋରାମରୁ ଆସିଥିବା ଦୁଇଟି ଟ୍ରକ ଯୋଗେ ପଠାଇଥିଲେ। ଏହି ଦୁଇ ବାଘ ପ୍ରତିବଦଳରେ ଜନ୍ତୁ ଅଦଳବଦଳ ପ୍ରକ୍ରିୟାରେ ସେଠାରୁ ତିନି ପ୍ରଜାତିର ୫ଜନ୍ତୁ (ହଳେ ହିଲକ ଗିବନ, ହଳେ ଘୁଷୁରି ଲାଞ୍ଜ ମାକେକ ଓ ଗୋଟିଏ ମାଈ ହିମାଳୟ କଳାଭାଲୁ) ନନ୍ଦନକାନନକୁ ଆସିବ। ଏହି ନୂତନ ଅତିଥି ଜୁନ ମାସରେ ଆଣିବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ସ୍ଥିର କରିଛନ୍ତି।

# ଫିକି ଫ୍ଲୋ ପକ୍ଷରୁ ରାଜଭବନରେ ସ୍ଥାପନ ହେଲା ମୂର୍ତ୍ତି ଚିତ୍ର


ମୂର୍ତ୍ତି ଚିତ୍ର ସ୍ଥାପନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

ଉତ୍କଳ ଦିବସ ଉପଲକ୍ଷେ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକ୍କି ଫ୍ଲୋ)ର ମହିଳା ମୋର୍ଚ୍ଚା ପକ୍ଷରୁ ଏକ ମୂର୍ତ୍ତି ଚିତ୍ର ସ୍ଥାପନ କରାଯାଇଛି। ସୋମବାର ରାଜଭବନ ପରିସରରେ ସ୍ଥାପିତ ହୋଇଥିବା ଏହି ମୂର୍ତ୍ତି ଚିତ୍ରକୁ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଉନ୍ମୋଚନ କରିଥିଲେ। ଓଡ଼ିଶା ସ୍ୱର୍ଗର ଦେଶ। ଏଠାକାର ଲୋକମାନେ ଲୋଭରୁ ମୁକ୍ତ ଏବଂ ଅଳ୍ପ ମଧ୍ୟରେ ସନ୍ତୁଷ୍ଟ। ଏହି ମୂର୍ତ୍ତି ଚିତ୍ର ସର୍ବଦା ମୋ ହୃଦୟ ନିକଟରେ ରହିବ ବୋଲି ରାଜ୍ୟପାଳ କହିଥିଲେ। ଏଥିରେ ଓଡ଼ିଶାର ସୌନ୍ଦର୍ଯ୍ୟକୁ ସମ୍ମାନ ଦିଆଯିବା ସହ ବନ୍ଦେ ଉତ୍କଳ ଜନନୀ ଲେଖା ହୋଇଛି। ଫିକି ଫ୍ଲୋ ଭୁବନେଶ୍ୱର ଅଧକ୍ଷ ନମ୍ରିତା ଚହଲ୍‌ଙ୍କ ନେତୃତ୍ୱ ଏବଂ ଅନ୍ୟାନ୍ୟ କମିଟି ସଦସ୍ୟଙ୍କ ସହଯୋଗରେ ଏହାକୁ ସ୍ଥାପନ କରାଯାଇଥିଲା। ଓଡିଶା ସମୃଦ୍ଧ ଇତିହାସ, ଐତିହ୍ୟ ଏବଂ ସଂସ୍କୃତିର ରାଜ୍ୟ। ଏହି ମୂର୍ତ୍ତି ଚିତ୍ର ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ଚିତ୍ରଣ କରୁଛି ବୋଲି ଫ୍ଲୋ ଭୁବନେଶ୍ୱର ଅଧକ୍ଷ କହିଥିଲେ।

## ଓଡ଼ିଶାର ବରପୁତ୍ରଙ୍କ ରଚନାରେ ଗାନ୍ଧୀଙ୍କ ସ୍ମୃତିଚାରଣ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ବୁଦ୍ଧ ମନ୍ଦିର ପରିସରରେ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଓଡ଼ିଆ କବିଙ୍କ ଦ୍ୱାରା ରଚିତ ପଦ୍ୟ ସମୂହକୁ କଣ୍ଠଶିଳ୍ପୀ ଅନିନ୍ଦିତା ଦାସ ସଙ୍ଗୀତ ରୂପରେ ପରିବେଷଣ କରିଥିଲେ। ଏହି ଅବସରରେ ଗାନ୍ଧିଜୀଙ୍କ ପାଇଁ ରଚିତ ତଥା ଅନିନ୍ଦିତା କଣ୍ଠଦାନ କରିଥିବା ଏକ ସଙ୍ଗୀତ ସିଡି ଉନ୍ମୋଚିତ ହୋଇଥିଲା। ସ୍ୱାସ୍ଥ୍ୟ, ସେବା, ସାହିତ୍ୟ, ସାମ୍ବାଦିକତା ତଥା ସମାଜ ସେବା କ୍ଷେତ୍ରରେ ନିରନ୍ତର ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ କବି କେଦାର ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ର ଯୋଗ ଦେଇ ଜାତିକୁ ଏକତ୍ରିତ କରିବା ପାଇଁ ଭାଷାର ସୁରକ୍ଷା ଓ ବିକାଶ ସବୁଠାରୁ ଅଧିକ ଆବଶ୍ୟକ ଏବଂ ଏଥିପାଇଁ ସଙ୍ଗୀତ ସବୁବେଳେ ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ଭାଷାବିତ ଦେବୀ ପ୍ରସନ୍ନ ପଟ୍ଟନାୟକ ଅତିଥିଭାବେ ଯୋଗ ଦେଇ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟର ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥି ବିଶିଷ୍ଟ ଗାନ୍ଧିବାଦୀ ପ୍ରହ୍ଲାଦ ସିଂହ ଯୋଗଦେଇ କହିଲେ, ଉତ୍କଳମଣି ଗୋପବନ୍ଧୁ ଦାସ, ଗୋଦାବରୀଶ ମିଶ୍ର, ନାରୀ କବି କୁନ୍ତଳା କୁମାରୀ ସାବତ, ଜାତୀୟ କବି ବୀରକିଶୋର, କବି ଶେଖର ଚିନ୍ତାମଣି ମହାନ୍ତିଙ୍କ ଭଳି କବିମାନେ ଗାନ୍ଧୀଙ୍କୁ ନେଇ ଯେଉଁ କାଳଜୟୀ କୃତି ସବୁ ରଚନା କରିଛନ୍ତି ତାହା ଆମକୁ ଗାନ୍ଧୀଙ୍କ ସହିତ ପରିଚିତ ହେବାର ବାଟକୁ ସହଜ କରିବ। ଏହି ଅବସରରେ ରମେଶ ମହାନ୍ତି ଓ ରଶ୍ମି ସ୍ୱରଚିତ କବିତା ପାଠ କରିଥିଲେ ଏବଂ ଗୁରୁପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତ ଯୁବକଙ୍କୁ ଆଜୀବନ ଜେଲଦଣ୍ଡ

## ନାବାଳିକା ହତ୍ୟା ମାମଲା

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଜଟଣୀ ଥାନା ଅଞ୍ଚଳରେ ଜଣେ ୫ବର୍ଷୀୟ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ସହ ହତ୍ୟା ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି। ଜଟଣୀ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଗୁରୁଡ଼ା ଥାନା ଅଞ୍ଚଳର ସମ୍ପୃକ୍ତ ଅଭିଯୁକ୍ତ ଆନନ୍ଦ ପ୍ରଧାନଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ଏଥିସହ ୩ଟି ଦଫାରେ ୧୭ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ ବୋଲି ଭୁବନେଶ୍ୱର ପୋକ୍‌ସୋ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବି.ସି ରାଉତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମା'ଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦେବାକୁ କୋର୍ଟ ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସେସ୍ ଅଥରିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଏପ୍ରିଲ ୧୧ ସନ୍ଧ୍ୟାରେ ପୀଡ଼ିତା ଉକ୍ତ ସାହିରେ ରହୁଥିବା ତାଙ୍କ ମାଉସୀଙ୍କ ଘରକୁ ଯାଇଥିବାବେଳେ ଅଭିଯୁକ୍ତ ଆନନ୍ଦ ତାଙ୍କୁ ଯୌନ ନିର୍ଯାତନା ଦେବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକାଙ୍କ ମୃତ୍ୟୁ ହୋଇଯାଇଥିଲା। ପୋଲିସ ଏକ ମାମଲା (ନଂ.୧୨୬/୨୦୧୯) ରୁଜୁ କରି ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରିଥିଲା। ତେବେ ୨୦ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ସରକାରୀ ଓକିଲ ରାଜିବ ସାମ୍ବଲ ମାମଲାକୁ ପରିଚାଳନା କରୁଥିଲେ।

# ୨୯ରୁ ଲିଙ୍ଗରାଜ ମହୋତ୍ସବ


ଖବରଦାତା ସମ୍ମିଳନୀରେ ମହୋତ୍ସବ ସମ୍ପର୍କରେ ସୂଚନା ଦିଆଯାଉଛି।

## ଯୋଗଦେବେ ୫ଶହ କଳାକାର

ପୁରୁଣା ଭୁବନେଶ୍ୱର,୨୭।୩(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଉପଲକ୍ଷେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ତ୍ରୟୋଦଶ ଲିଙ୍ଗରାଜ ମହୋତ୍ସବ ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବ। ଏହା ୬ଦିନ ବ୍ୟାପୀ ହେବାକୁ ଥିବା ବେଳେ ଉତ୍ସବରେ ୫ଶହ କଳାକାର ନୃତ୍ୟ ପରିବେଷଣ କରିବେ। ଓଡ଼ିଶାର କଳା ସଂସ୍କୃତିକୁ ପ୍ରୋତ୍ସାହନ ଦେବା ଓ ରଥଯାତ୍ରା ପାଇଁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏହି କାର୍ଯ୍ୟକ୍ରମ କରାଯିବ ବୋଲି ଅନୁଷ୍ଠାନର ଅସ୍ଥାୟୀ ଲିଙ୍ଗରାଜ ଲାଇବ୍ରେରି ହଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶନୀର ସଭାପତି ତଥା ବିଧାୟକ ସୁରେଶ କୁମାର ରାଉତରାୟ ଓ ସାଧାରଣ ସମ୍ପାଦକ ସନତ ମିଶ୍ର କହିଛନ୍ତି। ଚଳିତ ବର୍ଷ ପଡ଼ୋଶୀ ରାଜ୍ୟର କଳାକାରମାନେ ଅଧିକ ସଂଖ୍ୟାରେ ଯୋଗଦେଇ ନୃତ୍ୟ ପରିବେଷଣ କରିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ କୋଲକାତା, ଉତ୍ତରାଖଣ୍ଡ, ମଥୁରା, ଆସାମର କଳାକାରମାନେ ତାଙ୍କ ଲୋକନୃତ୍ୟ ଓ କ୍ରିଏଟିଭ୍ ନୃତ୍ୟ ପରିବେଷଣ କରିବେ। ସେହିପରି ଓଡ଼ିଶାର କଳାକାରଙ୍କ ଦ୍ୱାରା ସମ୍ବଲପୁରୀ, ଛଉ, ଗୋଟିପୁଅ, ଘୋଡ଼ା ନାଚ, କ୍ରିଏଟିଭ୍ ନୃତ୍ୟ ପରିବେଷଣ କରାଯିବ। ଏହି ସମ୍ମିଳନୀରେ ରଶ୍ମି ମହାପାତ୍ର, ଶିବାନନ୍ଦ ରାୟ ଓ ସଭ୍ୟମାନେ ଉପସ୍ଥିତ ଥିଲେ।

# ଆରମ୍ଭ ହେଲା 'ଓଡ଼ିଶୀ ସଙ୍ଗୀତ ଉତ୍ସବ'

## ମନ ମୋହିଲା 'ଶ୍ରୀରାଧା ବାତୁଲୀ... ପ୍ରେମ ରସାତୁଳି'

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା 'ଓଡ଼ିଶୀ ସଙ୍ଗୀତ ଉତ୍ସବ' ସୋମବାର ଉତ୍କଳ ରଙ୍ଗମଞ୍ଚଠାରେ ଆରମ୍ଭ ହୋଇଛି। ପ୍ରଥମ ଚରଣରେ କଣ୍ଠଶିଳ୍ପୀ ଆଶାଲତା ଷଡଙ୍ଗୀ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଗାୟନ କରିଥିଲେ। ତାଙ୍କଦ୍ୱାରା ପରିବେଷିତ ଛାନ୍ଦ 'ଶ୍ରୀରାଧା ବାତୁଳୀ... ପ୍ରେମ ରସାତୁଳି' ସଙ୍ଗୀତ ବେଶ ଶ୍ରୁତି ମଧୁର ହୋଇଥିଲା। ପରେ ବେହେଲା ବାଦକ ରମେଶ ଚନ୍ଦ୍ର ଦାସ ବେହେଲା ପରିବେଷଣ କରିଥିଲେ। ତୃତୀୟ ଚରଣରେ କଣ୍ଠଶିଳ୍ପୀ ନାଜିଆ ଆଲାମ୍ ସୁମଧୁର ଓଡ଼ିଶୀ ସଙ୍ଗୀତ ଗାନ କରିଥିଲେ। ସୀତାର ବାଦକ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀ ଏବଂ ବଂଶୀବାଦକ ଶ୍ରୀନିବାସ ଶତପଥିଙ୍କ ସୀତାର ଓ ବଂଶୀ ଉଭୟ ଯୁଗଳବନ୍ଦୀ ପରିବେଷଣ କରିଥିଲେ। ଏହି ଦୁଇଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବକୁ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ରଞ୍ଜନ କୁମାର ଦାସ, ଓଡ଼ିଶୀ ନୃତ୍ୟଶିଳ୍ପୀ କୁମ୍‌କୁମ୍ ମହାନ୍ତି ପ୍ରମୁଖ ଉଦ୍‌ଘାଟନ କରିଥିଲେ।

# ଜୁନ୍ ସୁଦ୍ଧା ସବୁ ସ୍ମାର୍ଟସିଟି ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ

## ବିଏସ୍‌ସିଏଲ୍ ବୋର୍ଡ ଅଫ୍ ଡାଇରେକ୍ଟର ମିଟିଂ


ବୈଠକରେ ଉନ୍ନୟନ କମିଶନର ଅନୁ ଗର୍ଗ ଓ ଅନ୍ୟ ଅଧିକାରୀ।

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

ରାଜ୍ୟ ଉନ୍ନୟନ କମିଶନର ଅନୁ ଗର୍ଗ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ (ବିଏସସିଏଲ) ଦ୍ୱାରା ପରିଚାଳିତ ପ୍ରକଳ୍ପର ସ୍ଥିତି ସମୀକ୍ଷା କରିଛନ୍ତି। ସୋମବାର ବିଏସସିଏଲର ୨୫ତମ ବୋର୍ଡ ଅଫ ଡାଇରେକ୍ଟର ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଯୋଗଦେଇ ଗର୍ଗ ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି ରହିଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଥିଲେ। ବିଏସ୍‌ସିଏଲ୍‌ର ପୂର୍ଣ୍ଣତଃ କାର୍ଯ୍ୟକ୍ଷମ ହୋଇଥିବା ୧୦ଟି ପ୍ରୋଜେକ୍ଟକୁ ଜନସାଧାରଣଙ୍କ ସ୍ଥାୟୀ ବ୍ୟବହାର ଲାଗି ଉପଯୋଗୀ କରିବାକୁ ପରାମର୍ଶ ଦେଇଥିଲେ। ସ୍ମାର୍ଟସିଟି ପକ୍ଷରୁ ଭୁବନେଶ୍ୱରରେ ବହୁ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ଆସନ୍ତା ଜୁନ ମାସରେ ସ୍ମାର୍ଟସିଟି ମିଶନ ବନ୍ଦ ହେବାକୁ ଥିବାବେଳେ ଏହା ପୂର୍ବରୁ ସମସ୍ତ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ନିର୍ମିତ ହୋଇଥିବା ସମସ୍ତ ପ୍ରକଳ୍ପର ନିୟମିତ ତଦାରଖ କରିବା ସହ ଏହାର ସ୍ଥାୟୀତ୍ୱ ବଜାୟ ରଖିବା ପାଇଁ ଧ୍ୟାନ ଦେବାକୁ ଗର୍ଗ ନିର୍ଦ୍ଦେଶ ଦେଇଥିଲେ। କମିଶନର ମୁଖ୍ୟତଃ ବିଏମସି-ଆଇସିଓଏମସି ଟାୱାର, ସହୀଦ ନଗର-ରାଜମହଲ ବହୁତଳ କାରପାର୍କିଂ, ବାପୁଜୀନଗର ଓ ସହୀଦ ନଗର ଆଇପିଏସସି, ଖାରବେଳ ନଗର ସୋସିଆଲ ଇକ୍ୟୁଟିସେଣ୍ଟର, ସ୍ମାର୍ଟଜନପଥ, ଏଲଇଡି ବିଲ ବୋର୍ଡ, ଇଭି ଚାର୍ଜିଂ ପଏଣ୍ଟ, ଡ୍ରିଙ୍କ ଫ୍ରମ୍ ଟ୍ୟାପ, କାର୍ବନ କ୍ରେଡିଟ ଓ ଡାର୍କ ଫାଇବର ଲିଜିଙ୍ଗ ନେଇ ହୋଇଥିବା କାମ ନେଇ ଖୁସିବ୍ୟକ୍ତ କରିଥିଲେ। ତେବେ ସିଟିଜ୍ ପ୍ରୋଜେକ୍ଟ ଅଧୀନରେ ବିଭିନ୍ନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ କ୍ଷୋଭ ପ୍ରକାଶ କରିବା ସହ ଏଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରଜାଧାନୀବାସୀଙ୍କ ଲାଗି ବିଏସସିଏଲ କରିଥିବା ପ୍ରକଳ୍ପଗୁଡ଼ି କିପରି ଦୀର୍ଘ ସ୍ଥାୟୀ ଓ ଅଧିକ ନାଗରିକ ବ୍ୟବହାର୍ଯ୍ୟ ଉପଯୋଗୀ ହେବ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଥିଲା। ବୈଠକରେ ରାଜ୍ୟ ଇ ଆଣ୍ଡ ଆଇଟି ପ୍ରମୁଖ ସଚିବ ମନୋଜ ମିଶ୍ର, ବିଏସ୍‌ସିଏଲ୍ ଏମ୍‌ଡି ବଲୱନ୍ତ ସିଂହ, ସିଇଓ ବିଜୟ ଅମୃତ କୁଲାଙ୍ଗେ, ଜେନେରାଲ ମ୍ୟାନେଜର ସୁବ୍ରତ କୁମାର ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ୧୭ ପ୍ରମୁଖ ପ୍ରକଳ୍ପ ସହ ମୋଟ ୨୬ ପ୍ରକଳ୍ପ କାମ ବିଏସସିଏଲ ହାତକୁ ନେଇଛି। ସେଥି ମଧ୍ୟରୁ ୧୦ ପ୍ରକଳ୍ପ କାମ ଆଗେଇ ଥିବାବେଳେ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଇଛି। ମାତ୍ର ୨୦୧୯ରେ ସିଟିଜ କାର୍ଯ୍ୟକ୍ରମ ଅଧୀନରେ ୧୮୦ କୋଟି ଟଙ୍କାର ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା, ଯାହା ଏବେ ମଧ ଆଗେଇ ପାରିନାହିଁ। ସିଟିଜ ପ୍ରକଳ୍ପ ଅଧୀନରେ ଥିବା ପୋଖରୀ ପୁନରୁଦ୍ଧାର ହେଉ କି ଖେଳ ପଡିଆ ବିକାଶ ଆଗାମୀ ଦିନରେ କିପରି ସେ ସବୁ ତ୍ୱରାନ୍ୱିତ କରାଯାଇ ପାରିବ ସେ ନେଇ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ଯୁବପିଢ଼ି ଓଡ଼ିଆ ନାଟକର ଉଜ୍ଜ୍ୱଳ ଭବିଷ୍ୟତ ତିଆରି କରିବେ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।



ଆୟୋଜିତ ରକ୍ତଦାନ ଶିବିର।

## ବିଶ୍ୱ ନାଟ୍ୟ ଦିବସ ପାଳିତ

ଭୁବନେଶ୍ୱର,୨୭।୩(ବ୍ୟୁରୋ)

ଓଡ଼ିଶା ନାଟ୍ୟ ସଂଘ ପକ୍ଷରୁ ରବୀନ୍ଦ୍ର ମଣ୍ଡପଠାରେ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ନାଟକ ଓ ଯୁବପିଢ଼ି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ ଯୋଗଦେଇ କହିଲେ, ଓଡ଼ିଆ ନାଟକର ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ଏବଂ ଯୁବପିଢି ହିଁ ଆଗାମୀ ଦିନରେ ଏହି ସ୍ୱପ୍ନକୁ ପୂରଣ କରିବେ। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସଂଯୋଜକ ଡ. ଉମେଶ ଚନ୍ଦ୍ର ମଲ୍ଲିକ ନୂତନ ନାଟକ ଲେଖାଯିବା ସହିତ ଅନୁବାଦିତ ନାଟକ ମଞ୍ଚସ୍ଥ ହେଲେ ଓଡ଼ିଆ ନାଟକ ସମୃଦ୍ଧ ହୋଇପାରିବ। ସେହିପରି ନାଟ୍ୟକାର ନବୀନ ପରିଡ଼ା କହିଲେ, ଯୁବପିଢି ଓ ନାଟକ ଦ୍ୱାରା ସମାଜର ଉନ୍ନତି ହୋଇପାରିବ। ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମେର ନାଟ୍ୟକାର ଡ. ନିବେଦିତା ଜେନା, ଅମିତ କୁମାର ବେହେରା, ସ୍ୱପ୍ନାରାଣୀ ଦାସ, ସବିତା ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟପଟେ ଓଡିଶା ନାଟ୍ୟସଂଘ ପକ୍ଷରୁ ସାମ୍ବାଦିକ ଭବନଠାରେ ସଂଘ ସଭାପତି ହରେନ ସାହୁ ଓ ସଂପାଦକ ଶୁଭକାନ୍ତ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ନାଟ୍ୟ ସଂଘ ସଦସ୍ୟ ଓ ଜନସାଧାରଣ ରକ୍ତଦାନ କରିଥିଲେ ।

## ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟାଙ୍କ ଦିକିକିଆ ବଡ଼ମ୍ବା ଗସ୍ତ

ବଡ଼ମ୍ବା,(ଡି.ଏନ୍.ଏ. ): ରାଜ୍ୟ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର ସୋମବାର ଦିନିକିଆ ବଡ଼ମ୍ବା ଗସ୍ତରେ ଆସିଛନ୍ତି। ସେ ବଡ଼ମ୍ବା ବ୍ଲକ ଅଞ୍ଚଳ ପରିଦର୍ଶନ କରିବା ସହ ବ୍ଲକ ମିଶନ ଶକ୍ତି ବିଭାଗ ପରିଦର୍ଶନ କରିଛନ୍ତି। ସେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ମିଶନ ଶକ୍ତିର ମହିଳାମାନଙ୍କ ଦ୍ୱାରା ପରିଚାଳିତ କ୍ୟାଣ୍ଟିନ କାଫେ ଓ ମହିଳା ଫେଡେରେଶନ ଦ୍ୱାରା ପରିଚାଳିତ ବ୍ୟବସାୟିକ ଅନୁଷ୍ଠାନକୁ ଦେଖି ପ୍ରଶଂସା କରିଛନ୍ତି। କାର୍ଯ୍ୟକ୍ରମରେ ବଡ଼ମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଉପାଧକ୍ଷ ସ୍ୱର୍ଣ୍ଣଲତା ବେହେରା, ବିଡିଓ ରମେଶ ଜେନା, ଏବିଡିଓ ଯାଜ୍ଞସେନୀ ଗୋଛାୟତ, ବଡ଼ମ୍ବା ମିଶନ ଶକ୍ତି ପରିଚାଳିକା ମୋନାଲିସା ତ୍ରିପାଠୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନାବାଳକଙ୍କୁ ଗାଡ଼ି ଚଳାଇବା ମନା

କଟକ ଅଫିସ,୨୭।୩

ନାବାଳକମାନଙ୍କ ଗାଡ଼ିଚାଳନା ଉପରେ ଅଙ୍କୁଶ ଲାଗିଛି। ରାଜ୍ୟ ପରିବହନ ବିଭାଗ ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ପରିବହନ ବିଭାଗ ସହ ପୋଲିସ ବିଭାଗ ମିଳିତ ଭାବେ ଚଢ଼ାଉ ଅଭିଯାନ କରିବେ। ମାର୍ଚ୍ଚ ୨୮ ତାରିଖ ମଙ୍ଗଳବାରଠାରୁ ସାରା ରାଜ୍ୟରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। କୌଣସି ନାବାଳକ ରାସ୍ତାରେ ଗାଡ଼ି ଚଳାଇ ଯାଉଥିବାର ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନାବାଳକଙ୍କୁ ୨୫ ବର୍ଷ ପର୍ଯ୍ୟନ୍ତ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କରାଯିବା ଉପରେ ରୋକ ଲଗାଯିବା ସହ ସମ୍ପୃକ୍ତ ଗାଡ଼ି ମାଲିକଙ୍କ ନାମରେ ମାମଲା ରୁଜୁ କରାଯିବ। ଏପରିକି ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବାର ନିୟମ ରହିଛି। ପୂର୍ବରୁ ପରିବହନ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇସାରିଛି। ଏଣିକି ବିଭାଗ ଆକ୍ସନ ମୁଡ୍‌ରେ ରହିଛି। ମଙ୍ଗଳବାରଠାରୁ କେବଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଅତିରିକ୍ତ କମିଶନର ଲାଲମୋହନ ସେଠୀ କହିଛନ୍ତି।

ସୂଚନା ଅନୁସାରେ, ଭାରତ ସରକାରଙ୍କ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ନିର୍ଦ୍ଦେଶାନୁସାରେ ସମଗ୍ର ଦେଶରେ ଜିରୋ ଫାଟାଲିଟି ସପ୍ତାହ ଆସନ୍ତା ଏପ୍ରିଲ ୧ରୁ ୭ତାରିଖ ଯାଏ ପାଳନ ହେବ। ସେହି ସପ୍ତାହରେ ଯେମିତି ଗୋଟିଏ ବି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହେବ ନାହିଁ, ସେଥିପାଇଁ କଡ଼ା ପଦକ୍ଷେପ ନିଆଯାଉଛି। ରାଜ୍ୟ ପରିବହନ ବିଭାଗ ସଚିବ ଉଷା ପାଢ଼ୀ ସ୍ୱାସ୍ଥ୍ୟ, ପୋଲିସ, ଶିକ୍ଷା ଆଦି ସବୁ ବିଭାଗକୁ ଏନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତଦନୁଯାୟୀ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଇଛି। ଏପ୍ରିଲ ପହିଲା ପୂର୍ବରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଗତ ସପ୍ତାହରେ ୩ ଦିନ ଚଢ଼ାଉ କରାଯାଇ ପ୍ରାୟ ୭୭୭ ଜଣ ମଦୁଆ ଡ୍ରାଇଭରଙ୍କୁ ଧରାଯାଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯିବା ସହ ଲାଇସେନ୍ସ ବାତିଲ କରାଯାଇଛି।

### ଆଜିଠୁ ସ୍ୱତନ୍ତ୍ର ଅଭିଯାନ

- ଅମାନିଆ ହେଲେ ଗାଡ଼ିମାଲିକ ଯିବେ ଜେଲ
- ୨୫ ହଜାର ଜରିମାନା, ୨୫ ବର୍ଷ ଯାଏ ମିଳିବନି ଲାଇସେନ୍ସ
- ପୋଲିସ, ପରିବହନ ବିଭାଗ କରିବ ମିଳିତ ଚଢ଼ାଉ

ପୁଣି ମଙ୍ଗଳବାରଠାରୁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେଉଛି। ବିଶେଷ କରି ଗାଡ଼ି ଚଳାଇବା ପାଇଁ ଯୋଗ୍ୟ ହୋଇ ନ ଥିବା ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ଉପରେ ଅଙ୍କୁଶ ଲଗାଇବା ଏହାର ପ୍ରମୁଖ ଲକ୍ଷ୍ୟ। ରାଜ୍ୟ ପରିବହନ ବିଭାଗର ତଥ୍ୟ ଅନୁସାରେ ସଡ଼କ ଦୁର୍ଘଟଣା ଯୋଗୁ ୨୦୨୦-୨୧ରେ ୫୦୨୧ ଜଣ ଓ ୨୦୨୧-୨୨ରେ ୫୪୬୭ ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୦-୨୧ ଆର୍ଥିକ ବର୍ଷରେ ୧୮ ବର୍ଷରୁ କମ୍ ବୟସର ୧୫୫ ଜଣ ପିଲାଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୨୩ ବାଳିକା ଥିବାବେଳେ ୧୩୨ ଜଣ ବାଳକ ଅଛନ୍ତି। ରାଜ୍ୟ ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଅତିରିକ୍ତ କମିଶନର ସେଠୀ କହିଛନ୍ତି, ପ୍ରତି ଜିଲାରେ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୋଲିସ ସହଯୋଗରେ ଏହି ସ୍ୱତନ୍ତ୍ର ଅଭିଯାନ କରାଇବା ପାଇଁ ପରିବହନ ବିଭାଗ ପକ୍ଷରୁ ସବୁ ଆର୍‌ଟିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପିଲାଙ୍କ ମାତାପିତା ବୁଝିବା ଦରକାର, ଯେଉଁଭଳି ଭାବେ ରାସ୍ତାରେ ଦୁର୍ଘଟଣା ହେଉଛି ଓ ଲୋକଙ୍କ ମୃତ୍ୟୁ ଘଟୁଛି ସେଥିପାଇଁ କଡ଼ା ପଦକ୍ଷେପ ନିଆଯାଉଛି।

### କ'ଣ ରହିଛି ଦଣ୍ଡବିଧାନ

ବେଆଇନ ଗାଡ଼ି ଚାଳନା ପାଇଁ ରହିଥିବା ଜରିମାନା ବାବଦରେ ବହୁ ଲୋକ ଅବଗତ ନାହାନ୍ତି। ଜାତୀୟ ପରିବହନ ନୀତି ୧୯୯(କ) ଅନୁଯାୟୀ କଡ଼ା ଜରିମାନା ବ୍ୟବସ୍ଥା ରହିଛି। ପ୍ରଥମତଃ ଯେଉଁ ଅଭିଭାବକ ବା ଗାଡ଼ି ମାଲିକ ନାବାଳକ ପିଲାଙ୍କୁ ଗାଡ଼ି ଚଳାଇବାକୁ ଦେଉଛନ୍ତି, ସେମାନଙ୍କ ନାମରେ ଏଫ୍‌ଆଇଆର୍ କରାଯାଇପାରିବ। କେସ୍ ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇପାରିବ। କୋର୍ଟ ତାଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦେବାର ବ୍ୟବସ୍ଥା ମଧ୍ୟ ରହିଛି। ଦ୍ୱିତୀୟରେ ସେମାନଙ୍କୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯାଇପାରିବ। ତୃତୀୟରେ ଯେଉଁ ପିଲାମାନେ ବେଆଇନ୍ ଭାବେ ଗାଡ଼ି ଚଳାଉଥିବେ ସେ ୨୫ ବର୍ଷ ପର୍ଯ୍ୟନ୍ତ ଗାଡ଼ି ଚଳାଇପାରିବେ ନାହିଁ ବା ଡ୍ରାଇଭିଂ ଲାଇସେନ୍ସ ମିଳିବ ନାହିଁ। ଗାଡ଼ିର ରେଜିଷ୍ଟ୍ରେଶନ ମଧ୍ୟ ବାତିଲ କରାଯାଇପାରିବ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନନ୍ୟା



@ ସୁପ୍ରିୟା



@ ସୌମ୍ୟରଞ୍ଜନ



@ ଦେବୀପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବୟନିକା ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ହସ୍ତଶିଳ୍ପ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ହସ୍ତତନ୍ତ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୩ଟା।
- ୬୭ତମ ସଂସ୍କୃତି ଚର୍ଚ୍ଚା, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ଅପରାହ୍ନ ୫ଟା ୩୦।
- ଶରତ ସ୍ମୃତି ସଂସଦ ଆନୁକୂଲ୍ୟରେ ଶରତ ସ୍ମୃତି ସନ୍ଧ୍ୟା, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଓଡ଼ିଶୀ ସଙ୍ଗୀତ ଉତ୍ସବ, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।

## ଜାପାନ ପୁଞ୍ଜିନିବେଶକ ସମ୍ମିଳନୀରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

### ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ପ୍ରସ୍ତୁତି

ପୁରୀ ଅଫିସ, ୨୭।୩

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏପ୍ରିଲ ୩ରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହ ଜାପାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ଟୋକିଓରେ ପୁଞ୍ଜିନିବେଶକ ସମ୍ମିଳନୀରେ ଯୋଗଦେବା ସହ ଓସାକା ଯାଇ ୯ ତାରିଖରେ ଫେରିବେ। ଏହି ଗସ୍ତକୁ ସଫଳ କରିବା ପାଇଁ ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ପକ୍ଷରୁ ପ୍ରସ୍ତୁତି ଚାଲିଛି। ମୁଖ୍ୟମନ୍ତ୍ରୀଙ୍କୁ ଜାପାନରେ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବ। ଜାପାନର ପୁଞ୍ଜିନିବେଶକମାନେ କିପରି ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆଗ୍ରହ ପ୍ରକାଶ କରିବେ ସେ ନେଇ ଉଦ୍ୟମ ହେବ ବୋଲି ଜାପାନରେ ରହୁଥିବା ପୁରୀର ଶିଳ୍ପୋଦ୍ୟୋଗୀ ତଥା ଇଣ୍ଡିଆ-ଜାପାନ ଫ୍ରେଣ୍ଡଶିପ୍ ସେଣ୍ଟର ସଭାପତି କୁନା ଦାଶ କହିଛନ୍ତି।

ଏହି ସପ୍ତାହବ୍ୟାପୀ ଗସ୍ତକାଳରେ ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କର ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ରହିବେ। ମୁଖ୍ୟମନ୍ତ୍ରୀ ଜାପାନର ପ୍ରମୁଖ ଶିଳ୍ପପତିମାନଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଅନୁରୋଧ କରିବେ। ଓଡ଼ିଶାରେ ଇସ୍ପାତ, ଫୁଡ୍ ପ୍ରୋସେସିଂ, ପ୍ଲାଷ୍ଟିକ, ପେଟ୍ରୋ କେମିକାଲ୍ସ, ଟେକ୍ସଟାଇଲ, କେମିକାଲ୍ସ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶର ବିପୁଳ ସମ୍ଭାବନାର ଫାଇଦା ନେବାକୁ ଆହ୍ୱାନ କରିବେ। ସେଣ୍ଟର ସଭାପତି ଦାଶ କହିଛନ୍ତି, ଜାପାନିଜ୍‌ମାନେ ଓଡ଼ିଶାକୁ ପସନ୍ଦ କରନ୍ତି। ୩୦ରୁ ଊର୍ଦ୍ଧ୍ୱ ବର୍ଷ ଧରି ଜାପାନରେ ରହିବା ସହ ଚନ୍ଦ୍ରଶେଖର ଏକାଡେମୀରେ ୨୦୦୪ ମସିହାରୁ ଜାପାନିଜ୍ ଭାଷା ଶିକ୍ଷା ପ୍ରଦାନ କରିଆସୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଜାପାନ ଗସ୍ତରେ ଯିବା ଏକ ବଡ଼ ଖୁସି ଖବର। ଜାପାନରେ ଟେକ୍ନୋଲୋଜିର ଅଗ୍ରଗତି ଘଟୁଛି। ଓଡ଼ିଶାରେ ପୁଞ୍ଜିନିବେଶ ହେଲେ ନିଯୁକ୍ତି ଓ ରୋଜଗାରର ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ସଚିବଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ଜାପାନ ଯିବା ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ତ ସହଯୋଗ ଯୋଗାଇଦେବାକୁ ଦାଶ ପ୍ରତିଶ୍ରୁତି ଦେଇଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ କୁନା ଦାଶ।

## ୧୦ ଜିଲାରେ ଆରମ୍ଭ ହେଲା ଭର୍ଚୁଆଲ କୋର୍ଟ

କଟକ ଅଫିସ,୨୭।୩

ଓଡ଼ିଶା ହାଇକୋର୍ଟ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ଆଉ ୧୦ଟି ଜିଲାରେ ଭର୍ଚୁଆଲ କୋର୍ଟ ପ୍ରତିଷ୍ଠା କରିଛି। ସେଗୁଡ଼ିକ ହେଲା ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦୁଝର, କେନ୍ଦ୍ରାପଡ଼ା, କନ୍ଧମାଳର ଫୁଲବାଣୀ, ମୟୂରଭଞ୍ଜର ବାରିପଦା, ନୟାଗଡ଼, ସୁନ୍ଦରଗଡ଼। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ଏହି କୋର୍ଟଗୁଡ଼ିକୁ ସୋମବାର ଉଦ୍‌ଘାଟନ କରିଛନ୍ତି। ହାଇକୋର୍ଟର ବିଚାରପତି ଶୁଭାଶିଷ ତାଳପତ୍ରଙ୍କ ସମେତ ଅନ୍ୟ ବିଚାରପତିଗଣ, ସରକାରୀ ଅଧିକାରୀ, ଆଡ୍‌ଭୋକେଟ ଜେନେରାଲ, ବିଚାର ବିଭାଗୀୟ ଅଧିକାରୀ ଓ ୧୦ ଜିଲାର ଆଇନଜୀବୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଶା ହାଇକୋର୍ଟ ପ୍ରଥମ ପର୍ଯ୍ୟାୟରେ ଗତ ଫେବୃୟାରୀ ୩ରେ ସମ୍ବଲପୁର, ଗଞ୍ଜାମର ବ୍ରହ୍ମପୁର, ବାଲେଶ୍ୱର, ଭଦ୍ରକ, କଳାହାଣ୍ଡିର ଭବାନୀପାଟଣା, ଖୋର୍ଦ୍ଧାର ଭୁବନେଶ୍ୱର, ବଲାଙ୍ଗୀର, କୋରାପୁଟର ଜୟପୁର, ପୁରୀ, ସୁନ୍ଦରଗଡ଼ର ରାଉରକେଲାଠାରେ ଭର୍ଚୁଆଲ କୋର୍ଟ କାର୍ଯ୍ୟ କରିଥିଲା।

## ବୟନିକା ଉପସଭାପତି ହେଲେ ସୁଷମା ପ୍ରଧାନ



ଟିଗିରିଆ,୨୭।୩(ଡି.ଏନ.ଏ): ରାଜ୍ୟ ସରକାରଙ୍କ ଶୀର୍ଷ ବୟନ ବିକ୍ରୟ ସଂସ୍ଥା ବୟନିକାର ଉପସଭାପତି ହେଲେ ବଡ଼ମ୍ବା ବ୍ଲକସ୍ଥିତ ମହୁଲିଆ ବୁଣାକାର ସମିତିର ପ୍ରାଥମିକ ସଭ୍ୟା ସୁଷମା ପ୍ରଧାନ। ସୋମବାର ଅନୁଷ୍ଠିତ ଉପସଭାପତି ନିର୍ବାଚନରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି ବୋଲି ବୟନିକାର ବୋର୍ଡ ସଭ୍ୟ ସୁବାସ ଦେବନାଥ ପ୍ରକାଶ କରିଛନ୍ତି। ସୁଷମା ଏହାର ଶ୍ରେୟ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ ଦେଇଛନ୍ତି। ସେ ବୁଣାକାରଙ୍କ ଉନ୍ନତି ପାଇଁ କାମ କରିବେ ବୋଲି କହିବା ସହ ବୟନିକାର ରାଜ୍ୟ ସଭାପତି ପ୍ରକାଶ ମେହେରଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ବିଧାୟକ ମିଶ୍ର ଓ ବୟନିକା ବୋର୍ଡ ସଭ୍ୟ ଦେବନାଥ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରିଥିଲେ।

# କରୋନା ପାଇଁ ପୁଣି ବାଜିଲା ସତର୍କ ଘଣ୍ଟି

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

କିଛି ଦିନର ବ୍ୟବଧାନ ପରେ ସମଗ୍ର ଦେଶରେ ପୁଣି ଥରେ କୋଭିଡ୍ ସଂକ୍ରମଣ ବଢ଼ିବା ଆରମ୍ଭ କରିଛି। ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏଥିସହ ବେଡ୍ ଓ ଅକ୍ସିଜେନ୍ ପ୍ରସ୍ତୁତ ରଖିବା ପାଇଁ ସବୁ ମେଡିକାଲ କଲେଜ ଅଧୀକ୍ଷକ, ସିଡିଏମ୍‌ଓଙ୍କୁ ସୋମବାର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଚିଠି କରିଛନ୍ତି। କଟକ ଏସ୍‌ସିବି, ବ୍ରହ୍ମପୁର ଏମ୍‌କେସିଜି, ବୁର୍ଲା ଭିମ୍‌ସାର୍ ଏବଂ କୋରାପୁଟ ଏସ୍‌ଏଲ୍‌ଏନ୍‌ଏମ୍‌ସିଏଚ୍ ମେଡିକାଲ କଲେଜରେ ୨୦ଟି ବେଡ୍ ଓ ୨ଟି ଆଇସିୟୁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲା ଓ ସିଏଚ୍‌ସିରେ ୧୦ଟି ବେଡ୍ ଓ ଆନୁସଙ୍ଗିକ ବ୍ୟବସ୍ଥା ସହିତ ସବୁଠାରେ ଅକ୍ସିଜେନ୍ ସିଲିଣ୍ଡର ଓ କନ୍‌ସେନ୍‌ଟ୍ରେଟର୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏହାବାଦ୍ ଟେଷ୍ଟିଂକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ମେଡିକାଲ କଲେଜ, ଜିଲା ଓ ସିଏଚ୍‌ସିରେ ଟେଷ୍ଟିଂ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଛି। କୋଭିଡ୍ ପରିଚାଳନା ପାଇଁ ରାଜ୍ୟ କେତେ ପ୍ରସ୍ତୁତ ରହିଛି ତାହା ଜାଣିବା ପାଇଁ ଏପ୍ରିଲ ୧୦ ଓ ୧୧ରେ ରାଜ୍ୟବ୍ୟାପୀ ମକ୍ ଡ୍ରିଲ୍ ହେବ। ଅପରପକ୍ଷେ ସମସ୍ତ ଲକ୍ଷଣଯୁକ୍ତଙ୍କ କୋଭିଡ୍ ଟେଷ୍ଟ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ରବିବାର ଦେଶରେ ୧୮୯୦ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ଆକ୍ଟିଭ୍ ସଂଖ୍ୟା ୯ହଜାର ୪ଶହରେ ପହଞ୍ଚିଛି। ମହାରାଷ୍ଟ୍ର, ତାମିଲନାଡ୍ଡୁ, କେରଳ, ତେଲଙ୍ଗାନାରେ ଅଧିକ ପଜିଟିଭ୍ କେସ୍ ବଢ଼ିଛି। ସେହିପରି ଓଡ଼ିଶାରେ ଗତ ୨୪ ଘଣ୍ଟାରେ ୧୧ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଏବେ ଆକ୍ଟିଭ କେସ୍ ୮୭ରେ ପହଞ୍ଚିଛି। ତେବେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ସ୍ଥିତି ଭଲ ରହିଥିବାରୁ ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି। ମାତ୍ର ଏଥିରୁ ବର୍ତ୍ତିବା ପାଇଁ ସମସ୍ତଙ୍କୁ କରୋନା ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ପଜିଟିଭ ବାହାରିଲେ କଣ୍ଟାକ୍ଟରେ ଆସିଥିବା ସମସ୍ତ ଲୋକଙ୍କ ଟେଷ୍ଟ କରାଯିବା ସହ ହୋମ୍ ଆଇସୋଲେଶନ୍‌ରେ ରହିଲେ ସେମାନଙ୍କୁ ମେଡ଼ିସିନ ଯୋଗାଇ ଦିଆଯିବ। ଏଥିସହ ଗୋଟିଏ ସ୍ଥାନରୁ ଏକାଧିକ ପଜିଟିଭ୍ ବାହାରିଲେ କଣ୍ଟେନମେଣ୍ଟ ପାଇଁ ପଦକ୍ଷେପ ନେବାକୁ ଜିଲାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

### ଦେଶରେ ୧୮୯୦ ନୂଆ ପଜିଟିଭ୍, ଓଡ଼ିଶାରେ ୧୧

- ବେଡ୍, ଅକ୍ସିଜେନ, ଆଇସିୟୁ ପ୍ରସ୍ତୁତ ରଖିବାକୁ ୪ ମେଡିକାଲ କଲେଜକୁ ନିର୍ଦ୍ଦେଶ
- ଏପ୍ରିଲ ୧୦ ଓ ୧୧ରେ ରାଜ୍ୟବ୍ୟାପୀ ମକ୍ ଡ୍ରିଲ୍
- ଭୟଭୀତ ନ ହେବାକୁ ପରାମର୍ଶ ଦେଲେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ



## ୨୯ରେ ବନ୍ଦ ରହିବ ଖୋର୍ଦ୍ଧା ଜିଲାର ସରକାରୀ କାର୍ଯ୍ୟାଳୟ

କଟକ ଅଫିସ, ୨୭।୩

ଆସନ୍ତା ୨୯ ତାରିଖରେ ଖୋର୍ଦ୍ଧା ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ। ୨୦୨୩କ୍ୟାଲେଣ୍ଡର ବର୍ଷର ଅଶୋକାଷ୍ଟମୀ ପର୍ବ ଉପଲକ୍ଷେ ୨୯ ତାରିଖରେ ଆଞ୍ଚଳିକ ଛୁଟିଦିନ (ଲୋକାଲ୍ ହଲିଡେ) ପାଇଁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିବ। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) ସୋମବାର ଏହି ଘୋଷଣା କରିଛନ୍ତି। କଟକସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏ ନେଇ ୨୦୨୨ ନଭେମ୍ବର ୧ରେ ଏକ ଚିଠି ଜାରି କରାଯାଇଥିଲା। ଉକ୍ତ ଚିଠି ଅନୁଯାୟୀ ଆର୍‌ଡିସି ଏହି ଛୁଟି ଘୋଷଣା କରିଛନ୍ତି।

## ଆତ୍ମନିର୍ଭର ଭାରତ-ଯୁବ ସଶକ୍ତୀକରଣ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ

ଭୁବନେଶ୍ୱର, ୨୭।୩ (ବ୍ୟୁରୋ)

ଆତ୍ମନିର୍ଭର ଭାରତ ଓ ଯୁବ ସଶକ୍ତୀକରଣ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ନେତାଜୀ ସୁଭାଷ ଜନ୍ମମାଟିଯାତ୍ରାର ରାଷ୍ଟ୍ରୀୟ ଆବାହକ ଦେବୀ ପ୍ରସାଦ ପୃଷ୍ଟି କହିଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିକାଶାର୍ଥେ ବିଦ୍ୟାର୍ଥୀ ଦ୍ୱାରା ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଆୟୋଜିତ କର୍ମଶାଳାରେ ସମ୍ମାନିତ ବକ୍ତାଭାବେ ଯୋଗଦେଇ ସେ ଏହା କହିଛନ୍ତି। ଦେଶ ଜନସଂଖ୍ୟାର ୩୪% ପ୍ରତିଶତ ଅର୍ଥାତ୍ ୬୦ କୋଟି ୧୮ରୁ ୩୫ ବର୍ଷର ଯୁବତୀ ଯୁବକ ଗ୍ରାମାଞ୍ଚଳ, କୃଷି, କ୍ଷୁଦ୍ର, କୁଟୀର ଓ କୃଷିଶିଳ୍ପ ମାଧ୍ୟମରେ ସ୍ୱାବଲମ୍ବୀ, ଆତ୍ମନିର୍ଭରଶୀଳ ହୋଇପାରିବେ। ମାତ୍ର ଏବେବି ଓଡ଼ିଶାରେ ପ୍ରାୟ ୨କୋଟି ଲୋକେ ଟଙ୍କିକିଆ ଚାଉଳ ଉପରେ ନିର୍ଭର କରିବା ଯୁବସମପାଜ ପାଇଁ ଆହ୍ୱାନ ବୋଲି ସେ କହିଥିଲେ। ଅନ୍ୟତମ ବକ୍ତା ଭାବେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନର ଶିକ୍ଷା ବିଭାଗ ପ୍ରଫେସର କେ.ପି. ସାହୁ ଯୋଗଦେଇ, ଯୁବ ଛାତ୍ର ସମାଜ ଭବିଷ୍ୟତର ଆହ୍ୱାନକୁ ମୁକାବିଲା କରି ଶିଖିବା ଆବଶ୍ୟକ। ମହାତ୍ମା ଗାନ୍ଧୀ ଓ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଗ୍ରାମ୍ୟ କାରିଗରୀ ଶିଳ୍ପ ଯୁବକଙ୍କୁ ଆଜିର ଦିନରେ ମଧ୍ୟ ପ୍ରେରଣା ଦିଏ ବୋଲି ମତ ଦେଇଥିଲେ। ପ୍ରଫେସର ରୁଦ୍ରାଣୀ ମହାନ୍ତି କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।



ବିଶ୍ୱ ନାଟ୍ୟ ଦିବସ ଉପଲକ୍ଷେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ପରିବେଷିତ ନାଟକ 'ଚାରି ଛକ'ର ଏକ ଦୃଶ୍ୟ।




କେଉଟ, ଧୀବର ଓ କୈବର୍ତ୍ତ (କେଡିକେ) ଜାତିକୁ ଅନୁସୂଚିତ ଜାତି ତାଲିକାରୁ ବାଦ୍ ଦେବା ସହ ୩ ଦଫା ଦାବିନେଇ ଲିବେରାଲ ଡେମୋକ୍ରାଟିକ ଆସୋସିଏଶନ ପକ୍ଷରୁ ସୋମବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୭।୩।୨୦୨୩

| | |
|---|---|
| ୪,୯୯,୬୧୬ ଟଙ୍କା | |
| ସୁନା | ୩୭.୮୫୦ ଗ୍ରାମ୍ |
| ରୁପା | ୨୧୫ ଗ୍ରାମ୍ |

# ମାଟିରେ ମିଶିଲା ଶ୍ରୀକୃଷ୍ଣ ସିନେମା ହଲ

## ୧୦.୬ ଡିସିମିଲ ଜମି ଅଧିଗ୍ରହଣ ହେବ

- ଶ୍ରୀଜଗନ୍ନାଥଙ୍କ ନାମରେ ଜାଗାର ମାଲିକାନା ରହିଛି
- ପରିକ୍ରମା ପ୍ରକଳ୍ପ ପାଇଁ ଉଚ୍ଛେଦ କଲା ପ୍ରଶାସନ
- କଳାପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ

**ପୁରୀ ଅଫିସ, ୨୭।୩:** ଐତିହ୍ୟ କରିଡର ପ୍ରକଳ୍ପ ନିମନ୍ତେ ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୋମବାର ସହରର ଶ୍ରୀକୃଷ୍ଣ ସିନେମା ହଲ ଉଚ୍ଛେଦ କରାଯାଇଛି। ଏହି ପୁରାତନ ସିନେମା ହଲ ପୁରୀବାସୀଙ୍କୁ ମନୋରଞ୍ଜନ ଯୋଗାଉଥିଲା। ବିଶ୍ୱ ନାଟ୍ୟ ଦିବସରେ ଏହି ସିନେମ ହଲକୁ ଭାଙ୍ଗି ମାଟିରେ ମିଶାଇ ଦିଆଯିବା ନେଇ କଳାପ୍ରେମୀଙ୍କ ମନରେ ଆଘାତ ଲାଗିଛି। ସରକାର ପୁରୀକୁ ବିଶ୍ୱସ୍ତରୀୟ ସହର ଭାବେ ଗଢି ତୋଳିବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ତେବ ସହରରେ ଭଲ ସିନେମା ହଲଟିଏ ନାହିଁ। ଏଭଳି ସ୍ଥିତିରେ ମନୋରଞ୍ଜନ ଯୋଗାଇ ଆସୁଥିବା ଶ୍ରୀକୃଷ୍ଣ ସିନେମା ହଲ ଉଚ୍ଛେଦ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟକୁ ଶ୍ରୀକୃଷ୍ଣ ସିନେମା ହଲ ଲାଗିରହିଥିଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଜମିର ମାଲିକାନା ରହିଥିବାରୁ ସୋମବାର ପ୍ରଶାସନ ପକ୍ଷରୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହାକୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିବି ମେଶିନ୍ ଲାଗିଥିବା ବେଳେ ଏକ ପ୍ଲାଟୁନ ପୋଲିସ ଫୋର୍ସ ସହ ଅଗ୍ନିଶମ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଉଚ୍ଛେଦ ଦ୍ୱାରା ସମୁଦାୟ ୧୦.୬ ଡିସିମିଲ ଜମି ଅଧିଗ୍ରହଣ ହେବ। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ପ୍ରକଳ୍ପ ପାଇଁ ଉପଯୁକ୍ତ କ୍ଷତିପୂରଣ ଦିଆଯାଇ ଏହି ଉଚ୍ଛେଦ କରାଯାଇଥିବା ଉପଜିଲାପାଳ ଭବତାରଣ ସାହୁ ସୂଚନା ଦେଇଛନ୍ତି। ଗତ ୨୫ ତାରିଖରେ ୫-ଟି ସଚିବ ଭି.କେ.ପାଣ୍ଡିଆନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଐତିହ୍ୟ ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ଉପଜିଲାପାଳ ସାହୁ କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପଛପାର୍ଶ୍ୱରେ ଥିବା ଶ୍ରୀକୃଷ୍ଣ ସିନେମା ହଲକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉକ୍ତ ଜାଗାଟି ଶ୍ରୀମନ୍ଦିର ମାଲିକାନାରେ ଥିଲା। ତେବେ ଉକ୍ତ ଭାବେ ସିନେମା ହଲ୍ ମାଲିକ ମାଲିକାନାରେ ରହିଥିଲେ। ନିୟମ ଅନୁଯାୟୀ ତାଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ସମ୍ପୃକ୍ତ ଜାଗା ପରିକ୍ରମା ପ୍ରକଳ୍ପ କାର୍ଯ୍ୟରେ ଲାଗିବ ବୋଲି ସାହୁ କହିଛନ୍ତି।

ଅନ୍ୟପକ୍ଷରେ ସିନେମା ହଲ ଉଚ୍ଛେଦ ନେଇ ଗୀତିକାର, ନାଟ୍ୟକାର ତଥା ଅଭିନେତା ବଦ୍ରି ମିଶ୍ର କହିଛନ୍ତି, ପୁରୀରେ ଥିବା ଜନତା ସିନେମା ହଲରେ ତାଲା ପଡ଼ିବା ଓ ଲକ୍ଷ୍ମୀ ଟକିଜ୍ ଫନୀ ମାଡ଼ରେ ଧ୍ୱଂସ ହୋଇଯିବା ପରେ ଶ୍ରୀକୃଷ୍ଣ ସିନେମା ହଲ୍ ଥିଲା ଶେଷ ହଲ୍। ଐତିହ୍ୟ କରିଡ଼ର ପାଇଁ ସେ ସ୍ଥାନ ଆବଶ୍ୟକ ନ ଥିଲା କି ତାହା ୭୫ ମିଟର ମଧ୍ୟରେ ଆସୁ ନ ଥିଲା। ପୁରୀ କେବଳ ଶ୍ରୀଜଗନ୍ନାଥଙ୍କୁ ନେଇ ସମୃଦ୍ଧ ନୁହେଁ, ସ୍ୱର୍ଣ୍ଣାଭ ବେଳାଭୂମି ଓ ଚିଲିକା-କୋଣାର୍କକୁ ନେଇ ଏହା ଓଡ଼ିଶାର ଏକ ପର୍ଯ୍ୟଟନ ସ୍ଥଳୀ। ପର୍ଯ୍ୟଟକଙ୍କ ପାଇଁ ପୁରୀରେ ରଙ୍ଗମଞ୍ଚ କି ସିନେମା ହଲ୍ ନାହିଁ। ପ୍ରଶାସନ ପକ୍ଷରୁ ପର୍ଯ୍ୟଟନର ବିକାଶ ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ସରକାର ପର୍ଯ୍ୟଟକମାଙ୍କ ପାଇଁ ପୁରୀରେ ଉନ୍ନତମାନର ଦୁଇଟି ସିନେମା ହଲ୍ ଓ ଏକ ଭଲ ରଙ୍ଗମଞ୍ଚ କରିବା ଦରକାର। ସେହିପରି ସାହିତ୍ୟକ ତଥା ସଙ୍ଗଠକ ଶ୍ୟାମ ପ୍ରକାଶ ସେନାପତି କହିଛନ୍ତି, ସିନେମା ସହ ପୁରୀର ସମ୍ପର୍କ ପୁରୁଣା। ଓଡ଼ିଶାର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ପୁରୀ ଲକ୍ଷ୍ମୀ ଟକିଜରେ ମୁକ୍ତିଲାଭ କରିଥିଲା, ଯାହା ଓଡ଼ିଶାର ପ୍ରଥମ ସିନେମା ହଲ ଥିଲା। ଲକ୍ଷ୍ମୀ ଟକିଜ ପରେ ଶ୍ରୀକୃଷ୍ଣ ସିନେମା ହଲ ଗଢ଼ିଉଠିଥିଲା। ତେବେ ଚଳଚ୍ଚିତ୍ର ପ୍ରଦର୍ଶନ ପାଇଁ ପୁରୀରେ ଗୌରବ ଲାଭ କରିଥିବା ଶ୍ରୀକୃଷ୍ଣ ସିନେମା ହଲକୁ ପ୍ରଶାସନ ପକ୍ଷରୁ ଭାଙ୍ଗିଦିଆଯାଇଛି। ପୂର୍ବରୁ ପୁରୀରେ ଥିବା ଅନ୍ୟ ସିନେମା ହଲ ଯଥା ଶ୍ରୀରାମ, ଶ୍ରୀକ୍ଷେତ୍ର, ଜନତା ଓ ଲକ୍ଷ୍ମୀ ଟକିଜ ଆଉ ନାହିଁ। କେବଳ ଶ୍ରୀକୃଷ୍ଣ ସିନେମା ମନୋରଞ୍ଜନ ଯୋଗାଉଥିଲା, ତାହା ମଧ୍ୟ ଆଜି ଶେଷ ହୋଇଯାଇଛି। ଶ୍ରୀକ୍ଷେତ୍ରକୁ କଳା ସଂସ୍କୃତି, ସାହିତ୍ୟର ଅନ୍ତୁଡ଼ିଶାଳ କୁହାଯାଉଥିବା ବେଳେ ବର୍ତ୍ତମାନର ସ୍ଥିତି ବଡ ଦୁଃଖର କଥା। ପୁରୀରେ ଏକ ଭଲ ସନେମା ହଲ ନିର୍ମାଣ ପାଇଁ ସରକାରଙ୍କୁ ଅବଗତ କରାଯିବ। ତେବେ ଏନେଇ ଶ୍ରୀକୃଷ୍ଣ ସିନେମା ହଲ ମାଲିକ ରାଜୁ ରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଶ୍ରୀକୃଷ୍ଣ ସିନେମା ହଲକୁ ଜେସିବି ମେଶିନ୍ ଦ୍ୱାରା ଭଙ୍ଗାଯାଉଛି ।

## ଅତିରିକ୍ତ ଜିଲାପାଳ ଶୁଣିଲେ ୨୯ ଅଭିଯୋଗ

### ୩ରେ ପିପିଲି, ୧୭ରେ କାକଟପୁରରେ ଅଭିଯୋଗ ଶୁଣାଣି

**ପୁରୀ ଅଫିସ, ୨୭।୩:** ପୁରୀ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ସୋମବାର ଅତିରିକ୍ତ ଜିଲାପାଳ (ପ୍ରଶାସନ)ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୯ଟି ଅଭିଯୋଗ ହୋଇଥିଲା। ସେଥିରୁ ୨୮ଟି ବ୍ୟକ୍ତିଗତ ଓ ଗୋଟିଏ ସାମୂହିକ ଅଭିଯୋଗ ରହିଥିଲା। ଗୋଟିଏ ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ଅନ୍ୟଗୁଡ଼ିକ ଆଇନ ଅନୁଯାୟୀ ଅନୁଧାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏହି ଶୁଣାଣି ହୋଇଥିଲା। ଅତିରିକ୍ତ ଜିଲାପାଳ (ରାଜସ୍ୱ )କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରେଖା ଦାଶ, ଡେପୁଟି କଲେକ୍ଟର ଜିତେନ୍ଦ୍ର ପାତ୍ର, ରାକେଶ କୁମାର ପଣ୍ଡା, ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ପ୍ରିୟଦର୍ଶିନୀ ମଲ୍ଲିକ ଏବଂ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ଅପ୍ରେଲ ୩ରେ ପିପିଲି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ୧୦ରେ ଜିଲା ମୁଖ୍ୟ କାର୍ଯ୍ୟାଳୟ, ୧୭ରେ କାକଟପୁର ବ୍ଲକ କାର୍ଯ୍ୟାଳୟ ଓ ୨୪ ତାରିଖରେ ମୁଖ୍ୟ କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କ ପରଲୋକ



ନିମାପଡ଼ା, ୨୭।୩ (ଡି.ଏନ୍.ଏ.)- ନିମାପଡ଼ା ବ୍ଲକ ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତର ଛଣିଜଙ୍ଗ ଗ୍ରାମର ଯୁବ ଖବରଦାତା ସଂଗ୍ରାମ କେଶରୀ ମହାନ୍ତି(୫୦)ଙ୍କ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ଖବରଦାତା ମହାନ୍ତି ରବିବାର ରାତିରେ ଖାଇସାରି ଶୋଇଥିଲେ। ମାତ୍ର ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ନିଜ ଗ୍ରାମକୁ ଅଣାଯାଇଥିଲା। ଖବରପାଇ ସୋମବାର ସକାଳେ ନିମାପଡ଼ା ଚାରିଛକ ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧି, ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ସ୍ୱର୍ଗତ ମହାନ୍ତିଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କ ବିୟୋଗରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଭାଜପା ନେତ୍ରୀ ପ୍ରଭାତୀ ପରିଡ଼ା, ଦିଲୀପ ନାୟକ, ଖବରଦାତା, ପ୍ରଫୁଲ୍ଲ କର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ ସାହୁ, ବିଜୟ ବେହେରା, ବସନ୍ତ ଦାସ, ରାଜକିଶୋର ଦାଶ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ସ୍ୱର୍ଗତ ମହାନ୍ତି ଚାରିଛକ ପ୍ରେସ୍ କ୍ଲବର ଉପସଭାପତି, ପୂର୍ବରୁ ନିମାପଡ଼ା ପ୍ରେସ୍ କ୍ଲବର ସଦସ୍ୟ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### ବାହୁ କୁସ୍ତି ପ୍ରତିଯୋଗିତାରେ ଚିନ୍ମୟ ପ୍ରଥମ

ପୁରୀ ଅଫିସ, ୨୭।୩: ଭୁବନେଶ୍ୱରରେ ଅନୁଷ୍ଠିତ ଅଲ୍ ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତାରେ ପୁରୀ ଗୋପିନାଥପୁର ଗ୍ରାମର ଚିନ୍ମୟ ରାଉତ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଗତ ୨୬ତାରିଖରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଜିଲାରୁ ବିଭିନ୍ନ ବର୍ଗରେ ପ୍ରାୟ ୧୫୦ ପ୍ରତିଯୋଗୀ ଭାଗନେଇଥିଲେ। ସେହିପରି ୭୦ କିଲୋ ବର୍ଗରେ ୧୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଚିନ୍ମୟ ପ୍ରଥମ ସ୍ଥାନ ହାସଲ କରି ପୁରୀ ପାଇଁ ଗର୍ବ ଆଣିଛନ୍ତି। ତେଣୁ ବିଭିନ୍ନ ମହଲରୁ ଚିନ୍ମୟଙ୍କୁ ଶୁଭେଚ୍ଛାର ବାର୍ତ୍ତା ଛୁଟିବାରେ ଲାଗିଛି।



ବିଶ୍ୱ ନାଟ୍ୟ ଦିବସ ଅବସରରେ ସୋମବାର ପୁରୀ ଆର୍ଟିଷ୍ଟ ଆସୋସିଏଶନ୍ ତରଫରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ନାଟକ 'ଅସହାୟ'ର ଏକ ଦୃଶ୍ୟ।

## ନାଟକ 'ଅସହାୟ' ମଞ୍ଚସ୍ଥ

**ପୁରୀ ଅଫିସ, ୨୭।୩:** ପୁରୀ ଆର୍ଟିଷ୍ଟ ଆସୋସିଏଶନ ପକ୍ଷରୁ ସୋମବାର ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ନାଟକ 'ଅସହାୟ' ମଞ୍ଚସ୍ଥ ହୋଇଛି। ନାଟ୍ୟକାର ପ୍ରଦୀପ କୁମାର ପ୍ରଧାନ ଏହାର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ଅଞ୍ଜନ କୁମାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ନାଟକର କାହାଣୀ ଭାଇଚାରା ଉପରେ ପର୍ଯ୍ୟବେସିତ। ସକାଳେ ବରିଷ୍ଠ ସେବାୟତ ସୌମେନ୍ଦ୍ର ମୁଦୁଲି, ନାଟ୍ୟ ନିର୍ଦ୍ଦେଶକ ଗଣେଶ ମହାପାତ୍ର ଏବଂ ରବିନାରାୟଣ ତ୍ରିପାଠୀଙ୍କ ଦ୍ୱାରା ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଶୀର୍ବାଦ ନେଇ ମଶାଲ ଏକ ଶୋଭାଯାତ୍ରରେ ସିଂହଦ୍ୱାର ସମ୍ମୁଖରୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପର୍ଯ୍ୟନ୍ତ ଆସିଥିଲା। ସନ୍ଧ୍ୟାରେ ସଭାକାର୍ଯ୍ୟ ସହ ନାଟକ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ଉପସଭାପତି ସୁନୀଲ ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ନାଟ୍ୟକାର ପ୍ରସନ୍ନ ମିଶ୍ର, ସମାଜିକ କର୍ମୀ ଚକ୍ରଧର ମହାପାତ୍ର, ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ଟ୍ରକ୍ ମାଲିକ ସଂଘ ସଭାପତି ଅମିତ୍ ଅରୁଣ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜୀବନ ବ୍ୟାପୀ ସାଧନା ନିମନ୍ତେ ବରିଷ୍ଠ କଳାକାର ଗୋବିନ୍ଦ ଚନ୍ଦ୍ର ମହାନ୍ତି, ମହେନ୍ଦ୍ର କୁମାର ଦାସ, ନିର୍ଦ୍ଦେଶକ ପ୍ରଦୀପ କୁମାର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କୋଣାର୍କକୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଦାବି

**କୋଣାର୍କ,୨୭।୩(ଡି.ଏନ୍.ଏ.)** ଅର୍କକ୍ଷେତ୍ର କୋଣାର୍କର ମୁଖ୍ୟ ସମସ୍ୟା ପାଲଟିଥିବା ମେଡିକାଲର ସ୍ଥାୟୀ ସମାଧାନ ପାଇଁ କୋଣାର୍କରେ ଜୋର୍ ଧରିଥିବା ମିଶନ ମେଡିକାଲ ଧୀରେ ଧୀରେ ରୋଚକ ହେବାରେ ଲାଗିଛି। ଏହି ମିଶନକୁ ଆଗକୁ ନେବାକୁ କୋଣାର୍କ ଯୁବଗୋଷ୍ଠୀଙ୍କ ମୁଖ୍ୟ ଦୁର୍ଗାପ୍ରସାଦ ମହାପାତ୍ର ଆଖପାଖ ଅଞ୍ଚଳରେ ଥିବା ପ୍ରାୟ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟଙ୍କ ସହଯୋଗ ଲୋଡ଼ିଥିଲେ। ଯୁବଗୋଷ୍ଠୀଙ୍କ ଆହ୍ୱାନକ୍ରମେ ସୋମବାର କୋଣାର୍କସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ସାମୂହିକ ବୈଠକ ଅନୁଷ୍ଠିତ ହୋଇଥିଲା। ମିଶନ ସଫଳ କରିବାକୁ ଶିମିଳି, ମହଲପଡ଼ା, ଅବଦାନ, ବନାଖଣ୍ଡି, ତରକୋର, ସୁତନ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟଙ୍କ ସହ କୋଣାର୍କ ଏନ୍ଏସି ଉପାଧ୍ୟକ୍ଷ, କାଉନସିଲର, ଜଗତ୍‌ସିଂହପୁର ଏମ୍ପିଙ୍କ କୋଣାର୍କ ପ୍ରତିନିଧି, ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତା ଓ ସଦସ୍ୟଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଏବଂ କୋଣାର୍କ ଅଞ୍ଚଳର ଅନେକ ଯୁବପିଢ଼ି ବୈଠକରେ ଉପସ୍ଥିତ ଥିଲେ। ମିଶନ ସଫଳ ଲାଗି କ'ଣ କ'ଣ ରଣନୀତି ଗ୍ରହଣ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସର୍ବସମ୍ମତିକ୍ରମେ ମିଶନ ମେଡିକାଲ ପାଇଁ ସମସ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ପୁନଃ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାର ସମାଧାନ ପାଇଁ ଉଭୟ ସରକାରଙ୍କୁ ନିର୍ଦ୍ଦିଷ୍ଟ କିଛିଦିନର ମହଲତ ଦେବାକୁ ସ୍ଥିର କରାଯାଇଥିଲା। ଯଦି ସେହି ସମୟସୀମା ମଧ୍ୟରେ ଏହାର କୌଣସି ସ୍ଥାୟୀ ସମାଧାନ ନ ହୁଏ, ତେବେ ଗଣଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଆସନ୍ତା ସପ୍ତାହରେ ପୁନଃ ଉଭୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ ପରେ ଆସନ୍ତା ଏପ୍ରିଲ ୧୫ରେ ସମସ୍ତ ଜନସାଧାରଣ ମିଶନ ମେଡିକାଲ ପାଇଁ ଏକତ୍ର ହେବାକୁ ବୈଠକରେ ଆଲୋଚନା ହେବା ସହ ଆନ୍ଦୋଳନ ତୀବ୍ରରୂପ ନେବ ବୋଲି ସମସ୍ତେ ପ୍ରତିଜ୍ଞା କରିଥିଲେ।



ବୈଠକରେ ଯୋଗ ଦେଇଥିବା ଲୋକପ୍ରତିନିଧି ଏବଂ ଅଞ୍ଚଳବାସୀ ।

## ଶିକ୍ଷା ବ୍ୟବସ୍ଥାର ଉନ୍ନତି ହେଲେ ରାଜ୍ୟର ଦ୍ରୁତ ବିକାଶ ହେବ

**ନିମାପଡ଼ା,୨୭।୩(ଡି.ଏନ୍.ଏ.)** ଶିକ୍ଷା ବିକାଶର ମାନଦଣ୍ଡ। ଶିକ୍ଷାର ଉନ୍ନତି ହେଲେ ରାଜ୍ୟ ଓ ଦେଶର ଦ୍ରୁତ ବିକାଶ, ପ୍ରଗତି ହେବ। ଓଡ଼ିଶାରେ ଶିକ୍ଷାର ବିକାଶ ପାଇଁ ରାଜ୍ୟ ସରକାର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଦାଚେଷ୍ଟିତ ଓ ଦୃଢ଼ ସଂକଳ୍ପବଦ୍ଧ। ବିଜେଡି ପକ୍ଷରୁ ଆୟୋଜିତ ଏକ ମିଶ୍ରଣ ପର୍ବ ଓ କର୍ମୀ ସମାବେଶ ନିମାପଡ଼ାର ଅନ୍ତୁଆର ପଞ୍ଚାୟତର କୁଆଁସ ଜାଗର ମେଳଣ ପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଏହା କହିଥିଲେ। ରାଜ୍ୟବାସୀ ୨୦୨୪ ସାଧାରଣ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ସଂକଳ୍ପ ନେଲେଣି। ଆଗାମୀ ନିର୍ବାଚନ ପାଇଁ ସମଗ୍ର ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଗୁଲ ବାଜିଲାଣି। ନିମାପଡ଼ାରେ ୪ର୍ଥ ଥର ପାଇଁ ପୁନଶ୍ଚ ଶଙ୍ଖ ବାଜିବ, ବିଜେଡି ପ୍ରାର୍ଥୀଙ୍କ ବିପୁଳ ବିଜୟ ହେବ ବୋଲି ବିଜେଡିର ନେତୃବୃନ୍ଦ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ଏମ୍ପିଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷା ଅନସୂୟା ମହାନ୍ତି, ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ବିଜେଡିର ପଞ୍ଚାୟତ ସଭାପତି ନବକିଶୋର ମହାନ୍ତି, ନରସିଂହ ରାଉତରାୟ, ପ୍ରଦୀପ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ମିଶ୍ରଣ ପର୍ବରେ ଅନ୍ତୁଆରର ଶତାଧିକ ଭାଜପା କର୍ମୀ ଦଳ ତ୍ୟାଗକରି ବିଜେଡିରେ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦକ୍ଷ ଶାସନ, ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ଦୃଢ଼ ବଳିଷ୍ଠ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ଶତାଧିକ ନୂତନ କର୍ମୀ ଓ ନେତୃବୃନ୍ଦ ଆନୁଷ୍ଠାନିକ ଭାବେ ବିଜେଡିରେ ସାମିଲ ହୋଇଥିବା କହିଥିଲେ। ଯୋଗଦେଇଥିବା ନୂତନ କର୍ମୀଙ୍କୁ ମନ୍ତ୍ରୀ ଦାଶ ଓ ବିଜେଡି ନେତୃବୃନ୍ଦ ସ୍ୱାଗତ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ ସମାରୋହରେ ଅଧ୍ୟକ୍ଷତା କରିଥିଲେ।

## ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଂ ସେବା

**ନିମାପଡ଼ା,୨୭।୩(ଡି.ଏନ୍.ଏ.)** ନିମାପଡ଼ା କପିଳେଶ୍ୱର ସେବା ସମବାୟ ସମିତି ପକ୍ଷରୁ ନାବାର୍ଡ ଓ ସମ୍ମିଳିତ ପୁରୀ ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସହାୟତାରେ ଏକ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଂ ସେବା ଓ ଋଣ କର୍ମଶାଳା ସ୍ଥାନୀୟ ଟାଉନହଲ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ସମବାୟ ବିଭାଗ ଏସ୍ଏଆର୍‌ସିଏସ୍ ସନାତନ ବେହେରା, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ନିମାପଡ଼ା ଶାଖା ପରିଚାଳକ ସ୍ମରଣିକା ତ୍ରିପାଠୀ, ସହକାରୀ ଶାଖା ପରିଚାଳକ ପ୍ରଦ୍ୟୁମ୍ନ ବିଶ୍ୱାଳ, କପିଳେଶ୍ୱର ସେବା ସମବାୟ ସମିତି ସଭାପତି ପଦ୍ମଲୋଚନ ମହାନ୍ତି, ସମ୍ପାଦକ ବେଣୁଧର ସାହୁ, ପୂର୍ବତନ ସମିତି ସଭାପତି ସମବାୟବିତ୍ ବ୍ରଜେନ୍ଦ୍ର ପ୍ରଧାନ, କାଉନସିଲର ଧନୁର୍ଦ୍ଧର ଦାସ ପ୍ରମୁଖ ସମବାୟ ସଂସ୍ଥା, ସେବା ସମବାୟ ସମିତି, ସମବାୟ ବ୍ୟାଙ୍କର ସଫଳତା କାମନା କରିଥିଲେ। ଚାଷୀଙ୍କୁ ସହଜରେ ବ୍ୟାଙ୍କିଂ ସୁବିଧା, ଭୂମିହୀନ ଚାଷୀ ଓ ଭାଗଚାଷୀଙ୍କୁ ସହଜ ସୁଧରେ କୃଷିଋଣ ପ୍ରଦାନ, ସରଳ ବ୍ୟକ୍ତିଗତ ଋଣ, ଗୃହ ନିର୍ମାଣ ଋଣ ବନ୍ଧକ ଋଣର ସୁବିଧା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସମାରୋହରେ କପିଳେଶ୍ୱର ସେବା ସମବାୟ ସମିତି ସଭାପତି ମହାନ୍ତି ଅଧ୍ୟକ୍ଷତା କରିବା ସହ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ସେବା ସମବାୟ ସମିତି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ପ୍ରାୟ ୨ଶହ ଚାଷୀ ସମବାୟ ବିଭାଗ ଅଧିକାରୀ ମହିଳା ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।




କର୍ମଶାଳାରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ ଏବଂ ଅନ୍ୟ ଅତିଥି ।

## ସାଙ୍ଗ ଗାଡ଼ିରେ ଅପରାଧ

### ଧରାପଡ଼ିଲେ ଚତୁର ଲୁଟେରା

- ହୋଟେଲରେ ରହି ଜାତୀୟ ରାଜପଥରୁ ଲୁଟୁଥିଲେ
- ୭ ସୁନା ଚେନ, ବ୍ୟବହୃତ ପଲ୍‌ସର ଜବତ

**ଭୁବନେଶ୍ୱର,୨୭।୩(ବ୍ୟୁରୋ)** ସାଙ୍ଗକୁ ଗାଡି ଦେଉଥିଲେ ହୋଇଯାଅ ସାବଧାନ। ନ ହେଲେ ଆପଣଙ୍କ ଗାଡିକୁ ବି ଜବତ କରିପାରେ ପୋଲିସ। କାରଣ କେହି ବି ଆପଣଙ୍କ ଗାଡିକୁ ଆପରାଧିକ କାର୍ଯ୍ୟରେ ବ୍ୟବହାର କରିପାରେ। ସାଙ୍ଗଠାରୁ ଗାଡ଼ି ମାଗିଆଣି ରାଜଧାନୀରେ ଲୁଟ୍‌ପାଟ କରୁଥିବା ଜଣେ ଚତୁର ଯୁବକଙ୍କୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି। ସେ ହେଲେ ପୁରୀ ଜିଲା କୋଣାର୍କର ଚନ୍ଦନ ଓରଫ ବିଷ୍ଣୁ ପ୍ରସାଦ ଜେନା (୨୧)। ତାଙ୍କଠାରୁ ୭ଟି ସୁନା ଚେନ ଓ ଲୁଟ୍‌ରେ ବ୍ୟବହୃତ ପଲ୍‌ସରକୁ ପୋଲିସ ଜବତ କରିଛି। ଜବତ ପଲ୍‌ସର ଅଭିଯୁକ୍ତଙ୍କ ସାଙ୍ଗର ବୋଲି ଜଣାପଡିଛି। ଅଭିଯୁକ୍ତ ଚନ୍ଦନ ଜଣେ ପେସାଦାର ଅପରାଧୀ ହୋଇଥିବାବେଳେ ସେ ଧରା ନ ପଡ଼ିବା ପାଇଁ ଚତୁର ବୁଦ୍ଧି ଖଟାଇଥିଲେ। ଭୁବନେଶ୍ୱରକୁ କୌଣସି କାମରେ ଯିବାକୁ ସାଙ୍ଗଙ୍କଠାରୁ ଗାଡି ମାଗି ଆଣୁଥିଲେ। ଏଠାରେ ହୋଟେଲରେ ରହି ଜାତୀୟ ରାଜପଥରେ ଲୁଟ୍‌ପାଟ କରୁଥିଲେ। ଗୋଟିଏ ଘଟଣା ଘଟାଇବା ପରେ ହୋଟେଲ ବଦଳାଇବା ସହ ସାଙ୍ଗର ଗାଡି ମଧ୍ୟ ଫେରାଉଥିଲେ। କିଛିଦିନ ଅନ୍ତରରେ ପୁଣି ସମାନ ଢଙ୍ଗରେ ଲୁଟ୍‌ପାଟ କରୁଥିଲେ। ବିଶେଷକରି ରାଜପଥରେ ଏକୁଟିଆ ଯାଉଥିବା ପୁରୁଷ କିମ୍ବା ମହିଳାଙ୍କୁ ଟାର୍ଗେଟ କରି ମୋବାଇଲ୍ ଫୋନ୍, ଟଙ୍କା, ସୁନା ଆଦି ଲୁଟି ନେଉଥିଲେ। ଲୁଟ୍ ଟଙ୍କା ଓ ସୁନା ବିକି ଅୟସ ଜୀବନ ବିତାଉଥିଲେ। ସୁନା ଚେନ ବିକି ଏକ ବୁଲେଟ ଗାଡି କିଣିବା ସହ ଚୋରି ଟଙ୍କା ଗର୍ଲଫେଣ୍ଡ ପିଛାରେ ଖର୍ଚ୍ଚ କରୁଥିବା ମଧ୍ୟ ପୋଲିସ ଜାଣିବାକୁ ପାଇଛି। ଏନେଇ ପୋଲିସ ଚୋରିବେଳେ ବ୍ୟବହୃତ ହୋଇଥିବା ଅନ୍ୟ ଏକ ମୋଟରସାଇକେଲ, ବିକ୍ରି କରିଥିବା ସୁନା, କିଣିଥିବା ବୁଲେଟକୁ ଖୋଜା ଚାଲିଛି। ଏହାସହ ଅଧିକ ତଦନ୍ତ ପାଇଁ ରିମାଣ୍ଡରେ ଆଣିବାକୁ ଯୋଜନା କରାଯାଉଛି ବୋଲି ଜୋନ୍-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି। ଅଭିଯୁକ୍ତ ଚନ୍ଦନଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୫ରୁ ଅଧିକ ଆପରାଧିକ ମାମଲା ରହିଛି। ତେବେ ମାମଲା (ନଂ ୧୧୫/୨୩)ରେ ଅଭିଯୁକ୍ତ ଚନ୍ଦନଙ୍କୁ କୋର୍ଟ ଚାଲାଣ କରିଥିଲା ପୋଲିସ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନାନୁସାରେ, ଗତ ୨୧ ତାରିଖରେ ଅଭିଯୋଗକାରୀ ଆକାଶ କୁମାର ଗୁପ୍ତା ଏକ ବିବାହ ଉତ୍ସବରେ ଯୋଗଦେବାକୁ ପାତ୍ରପଡା ଅଞ୍ଚଳରୁ ବାଲିଅନ୍ତା ଯାଉଥିବାବେଳେ ଇସ୍କନ ମନ୍ଦିର ସମ୍ମୁଖ ଏନ୍ଏଚ୍-୧୬ରେ ଅଭିଯୁକ୍ତ ଚନ୍ଦନ ପଛରୁ ଏକ ପଲ୍‌ସରରେ ଦ୍ରୁତଗତିରେ ଆସି ତାଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୂର୍ବରୁ ସମାନ ଭାବେ ଆଉଏକ ଅଭିଯୋଗ ଆସିଥିବାରୁ ଏଥିରେ ଗୋଟିଏ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ଥିବା ସନ୍ଦେହ କରି ସିସିଟିଭି ଫୁଟେଜ ଆଧାରରେ ଗାଡିର ନମ୍ବର ଚିହ୍ନଟ ପରେ ପୋଲିସ ମାଲିକଙ୍କ ସହ ଯୋଗାଯୋଗ କରିଥିଲେ। ତାଙ୍କ ଗାଡିକୁ ସାଙ୍ଗ ମାଗି ନେଇଥିବା ଓ ଶହୀଦନଗରସ୍ଥିତ ଏକ ହୋଟେଲରେ ଥିବା ଜଣାଇବା ପରେ ପୋଲିସ ରବିବାର ରାତିରେ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ଚନ୍ଦନଙ୍କୁ ଗିରଫ କରିଥିଲା।




ଗିରଫ ଅଭିଯୁକ୍ତ ବିଷ୍ଣୁ ପ୍ରସାଦ ଜେନା ଓ ଜବତ ଗାଡି ।

**ଦିଲୀପ ଦାଶ ଜିଲା ବିଜେଡି ଉପସଭାପତି**

ସାଲେପୁର,(ଡି. ଏନ.ଏ): ସାଲେପୁର ଅଞ୍ଚଳର ବରିଷ୍ଠ ବିଜେଡି ନେତା ତଥା ବ୍ଲକ ଆତ୍ମା କମିଟି ସଭାପତି ଦିଲୀପ ଦାଶ କଟକ ଜିଲା ବିଜେଡି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଦାଶ ପୂର୍ବରୁ ଜିଲା ବିଜେଡି ସମ୍ପାଦକ, ସାଲେପୁର ବ୍ଲକ ବିଜେଡି ସଭାପତିଭାବେ କାର୍ଯ୍ୟ କରିଛନ୍ତି। ଏଥିସହ ୨୦୦୭ ରୁ ୨୦୧୭ ପର୍ଯ୍ୟନ୍ତ ସାଲେପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଭାବେ ହେବା ସହ ୧୯୯୦, ୨୦୦୨ ଓ ୨୦୧୨ରେ ଶିଶୁଆ ପଞ୍ଚାୟତର ସମିତି ସଭ୍ୟ ଏବଂ ୧୯୯୫ରେ ସରପଞ୍ଚ ଭାବେ ବିଜୟୀ ହୋଇଛନ୍ତି। ସେ ୨୦୦୭ରେ ଦିପାଞ୍ଜଳ ପୁରୁଣା ହାଟ ପଞ୍ଚାୟତ ଓ ୨୦୧୭ରେ ମହଣ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଦିଲୀପ ଜିଲା ବିଜେଡି ଉପସଭାପତିଭାବେ ମନୋନୀତ ହେବାପରେ ଦଳୀୟ କର୍ମୀମାନେ ଆନନ୍ଦ ପ୍ରକାଶ କରିଛନ୍ତି।

**ସଂକ୍ଷେପରେ**

## ବଜ୍ରପାତରେ ଶ୍ରମିକ ମୃତ, ସ୍ତ୍ରୀ ଆହତ

କଣ୍ଟାପଡା,୨୭।୩(ଡି.ଏନ୍.ଏ.)- ଓଲଟପୁର ଥାନା ଅନ୍ତର୍ଗତ ବାଗଲପୁର ପଞ୍ଚାୟତ ଅଧୀନ ଖଣ୍ଡିଆରୀପୁର ମୌଜାରେ ଅବସ୍ଥିତ ଏକ ଇଟାଭାଟିରେ କାମ କରୁଥିବାବେଳେ ସୋମବାର ବଜ୍ରପାତ ହେବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବ୍ଲକ ଅନ୍ତର୍ଗତ ପୋଲସରା ଗ୍ରାମର ଶୁଭରାମ ଭଇଁଚୁର(୩୬)। ତେବେ ଏଥିରେ ତାଙ୍କ ସ୍ତ୍ରୀ ଆହତ ହୋଇଛନ୍ତି। ଚିକିତ୍ସା ପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି। ଖବର ଅନୁଯାୟୀ, ଅପରାହ୍ନରେ ଉଭୟ ସ୍ତ୍ରୀ ଓ ସ୍ୱାମୀ ଇଟାଭାଟିରେ କାମ କରୁଥିବାବେଳେ ହଠାତ କାଳବୈଶାଖି ହେବା ସହ ବଜ୍ରପାତ ହୋଇଥିଲା। ଏଥିରେ ଶୁଭରାମ ଘଟଣାସ୍ଥଳରେ ଟଳି ପଡିଥିବା ବେଳେ ତାଙ୍କ ସ୍ତ୍ରୀ ମଧ ଅଚେତ ହୋଇପଡ଼ିଥିଲେ। ଶ୍ରମିକମାନେ ଉଭୟଙ୍କୁ ଉଦ୍ଧାର କରି ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଯାଇଥିଲେ। ହେଲେ ଡାକ୍ତର ସେଠାରେ ଶୁଭରାମଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ତାଙ୍କ ସ୍ତ୍ରୀ ଚିକିତ୍ସିତ ହେଉଛନ୍ତି। ଖବରପାଇ ଓଲଟପୁର ପୋଲିସ ପହଞ୍ଚି ଶୁଭରାମଙ୍କ ମୃତଦେହ ଜବତକରି କଟକ ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିସହ ଏନେଇ ପୋଲିସ ଏକ ଅପମୃତ ମାମଲା ନଂ.୨/୨୩ ରୁଜୁ କରିଛି।

## ସିଏମ୍‌ସି କର୍ମଚାରୀଙ୍କ ଆକ୍ରମଣରେ ବ୍ୟବସାୟୀ ଆହତ

କଟକ ଅଫିସ,୨୭।୩: ବାଦାମବାଡ଼ି ଥାନା ଝାଞ୍ଜିରମଙ୍ଗଳା ଗଡା ନିକଟରେ ଥିବା ଏକ କାଠ ଗୋଲାରେ ସିଏମ୍‌ସି କର୍ମଚାରୀ ଓ ଯୁବ ବ୍ୟବସାୟୀଙ୍କ ମଧ୍ୟରେ ସୋମବାର ଗଣ୍ଡଗୋଳ ହୋଇଛି। ପରେ ଘଟଣା ସିଏମ୍‌ସିରେ ପହଞ୍ଚିଥିବାବେଳେ ସ୍ଥାନୀୟ ମୁରବୀ, କର୍ପୋରେଟର ଓ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଆପୋସ ବୁଝାମଣାରେ ଘଟଣାର ସମାଧାନ ହୋଇଥିଲା। ସୂଚନା ମୁତାବକ, ରାଜା ବଗିଚା ଝାଞ୍ଜିରି ମଙ୍ଗଳା ଗଡା ନିକଟରେ ଥିବା ଏକ କାଠ ଗୋଲା ବୁଝାବୁଝି କରନ୍ତି ବ୍ୟବସାୟୀ ସୁବ୍ରତ ନାୟକ। ସୋମବାର ଅପରାହ୍ନରେ କାଠ ଗୋଲା ସମ୍ମୁଖରେ ସିଏମ୍‌ସି ପ୍ରକଳ୍ପ ବିଭାଗରେ କାର୍ଯ୍ୟରତ ସୁରଜ ନାୟକ ନିଜ ଗାଡ଼ି ରଖି ଛିଡା ହୋଇଥିଲେ। ଏହି ସମୟରେ ସୁବ୍ରତ କାଠ ଗାଡ଼ି ଆସିବାରୁ ସୁରଜଙ୍କୁ ଗାଡ଼ି ଆଗକୁ ନେବାକୁ କହିଥିଲେ। କିନ୍ତୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ଏହା ମଧ୍ୟରେ ସୁରଜ ନିଜକୁ ସିଏମ୍‌ସି କର୍ମଚାରୀ ପରିଚୟ ଦେଇ ହେଲ୍‌ମେଟରେ ସୁବ୍ରତଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ନିୟନ୍ତ୍ରଣ କରିବା ସହିତ ବାଦାମବାଡ଼ି ଥାନାକୁ ଖବର ଦେଇଥିଲେ। ଆହତ ସୁବ୍ରତଙ୍କୁ ଚିକିତ୍ସା ପାଇଁ ମେଡିକାଲ ନିଆଯାଇଥିବା ବେଳେ ସୁରଜଙ୍କୁ ପୋଲିସ ଥାନାକୁ ନେଇଥିଲା। ପରେ ଏହି ଘଟଣାରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ଶ୍ୱେତପଦ୍ମ ଡି ଶତପଥୀ, କର୍ପୋରେଟର ସନ୍ତୋଷ ଭୋଳ, ଗଗନ ଓଝା, ଦୀପକ କୁମାର ଦାସ ହସ୍ତକ୍ଷେପ କରି ସୁରଜଙ୍କୁ ଥାନାରୁ ଆଣିବା ସହ ଆପୋସ ବୁଝାମଣା କରିଥିଲେ।

# ସୁରକ୍ଷା କାନ୍ଥ ନିର୍ମାଣ କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ

■ ବିନା ଅନୁମତିରେ କେନାଲରେ କାମ ଚାଲିଥିବା ଅଭିଯୋଗ

■ ପୂର୍ବରୁ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଚିଠି ହୋଇଥିଲା

ମାହାଙ୍ଗା,୨୭।୩(ସ୍ୱ.ପ୍ର.)

ଖଦୋଳ-ଝାଡେଶ୍ୱରପୁର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ପାଇଁ ଭଉଁରିଆ ପଞ୍ଚାୟତ ପନ୍ଦରବାଟିଆ ଗ୍ରାମରେ ଥିବା ୬(ଇ) ଶାଖା କେନାଲ ମଧ୍ୟରେ ବେଆଇନ ସୁରକ୍ଷା କାନ୍ଥ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଚାଲିଥିବା ଏହି କାର୍ଯ୍ୟକୁ ବିରୋଧ କରି ସୋମବାର ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିଦେଇଛନ୍ତି। ପୂର୍ବରୁ ଜଳସମ୍ପଦ ବିଭାଗ ପକ୍ଷରୁ ଏହି କାର୍ଯ୍ୟ ବନ୍ଦ କରିବାକୁ ଚିଠି କରାଯାଇଥିଲେ ମଧ ଗ୍ରାମ୍ୟ ଉନ୍ନୟନ ବିଭାଗ ଏହାକୁ ମାନୁ ନ ଥିବା ଅଭିଯୋଗ ହୋଇଛି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରବିବାର ଧର୍ମାଗତପୁର ଜଳସମ୍ପଦ ସେକ୍ସନ ଯନ୍ତ୍ରୀ ରମେଶ ଚନ୍ଦ୍ର ମଲ୍ଲିକ ଓ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀ ଅକ୍ଷୟ ମଲ୍ଲିକ ପନ୍ଦରବାଟିଆରେ କେନାଲ ମଧ୍ୟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ସୂଚନା ପାଇ କାର୍ଯ୍ୟସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ତୁରନ୍ତ କାର୍ଯ୍ୟ ବନ୍ଦ କରିବାକୁ ଅଧିକାରୀ କହିଥିଲେ। ଜଳ ସମ୍ପଦ ବିଭାଗରୁ ଅନୁମତି ନ ଆଣି ଏହି ନିର୍ମାଣ କାର୍ଯ୍ୟ କରାଯାଉଥିବା ଦର୍ଶାଇ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସେ ଚିଠି କରିଥିଲେ। ଏହାସତ୍ତ୍ୱେ ପୁଣି ପନ୍ଦରବାଟିଆରେ ସୁରକ୍ଷା କାନ୍ଥ ନିର୍ମାଣ ହେଉଥିବା ଅଭିଯୋଗ ହୋଇଛି। କେନାଲ ମଧ ଭାଗରେ ଏହି ସୁରକ୍ଷା କାନ୍ଥ ନିର୍ମାଣ କରାଯାଉଥିବାରୁ ଚାଷ ଜମିକୁ ପାଣି ଯିବାରେ ଅସୁବିଧା ହେବାର ଆଶଙ୍କା ରହିଛି। ଅପରପକ୍ଷେ ଏହି କାର୍ଯ୍ୟ ନିମ୍ନମାନ ସହ ଚିପ୍‌ସ ବଦଳରେ ମେଟାଲ ବ୍ୟବହାର କରାଯାଉଛି। ୬ ଫୁଟ ଉଚ୍ଚର କଂକ୍ରିଟ ହେବା ଜାଗାରେ ୪ ଫୁଟ ହେଉଛି ବୋଲି ଅଭିଯୋଗ ହୋଇଛି। କାର୍ଯ୍ୟସ୍ଥଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀମାନେ ରହୁ ନ ଥିବାରୁ ଠିକାଦାର ତରବରିଆଭାବେ ନିମ୍ନମାନର କାର୍ଯ୍ୟ କରି ଚାଲିଛି ବୋଲି ଗ୍ରାମବାସୀ କହିଛନ୍ତି। ଏହି ସୁରକ୍ଷା କାନ୍ଥ ସହ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ୬.୨୨ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ତଦାରଖ ଅଭାବରୁ ବ୍ୟାପକ ଅନିୟମିତତା ହୋଇଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପନ୍ଦରବାଟିଆ ଗ୍ରାମଠାରେ ଗ୍ରାମବାସୀ କାର୍ଯ୍ୟ ବନ୍ଦ କରିବା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶନୀ ଜେନା କହିଛନ୍ତି, ଗ୍ରାମବାସୀ ନୁହେଁ ବରଂ ଜଳସମ୍ପଦ ବିଭାଗର ବାରଣ ଯୋଗୁ କାର୍ଯ୍ୟ ବନ୍ଦ କରାଯାଇଛି। ଏହି ଘଟଣା ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କେନାଲର ଶଯ୍ୟା ମଧ୍ୟରେ ସୁରକ୍ଷା କାନ୍ଥ ନିର୍ମାଣ କରାଯାଇଥିବାରୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ସ୍ଥାୟୀ ସମାଧାନ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଚିଠି ଲେଖାଯାଇଛି ବୋଲି ଧର୍ମାଗତପୁର ଜଳସମ୍ପଦ ବିଭାଗ ଯନ୍ତ୍ରୀ ରମେଶ ମଲ୍ଲିକ ସୂଚନା ଦେଇଛନ୍ତି।



ବେଆଇନ ଭାବେ କେନାଲରେ ହେଉଥିବା ସୁରକ୍ଷା କାନ୍ଥକୁ ଗ୍ରାମବାସୀ ବିରୋଧ କରୁଛନ୍ତି।

# ଫ୍ଲାଟ ଦେବା ନାଁରେ ଟଙ୍କା ଠକେଇ ଅଭିଯୋଗ

**ପାଲଟା ଅଭିଯୋଗ ଆଣିଲେ ବିଲ୍ଡର**

କଟକ ଅଫିସ,୨୭।୩

କଟକରେ ଫ୍ଲାଟ ଯୋଗାଇ ଦେବା ନାଁରେ ଶ୍ରୀ ଭେଙ୍କଟେଶ୍ୱର ଇଣ୍ଡଷ୍ଟ୍ରିଆଲ ସପ୍ଲାୟର୍ସ ପ୍ରାଇଭେଟ ଲିମିଟେଡ ଲୋକଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। କଟକ ମିଶନ ରୋଡରେ ଏହି ସଂସ୍ଥା ଫ୍ଲାଟ ଦେବ କହି ଲୋକଙ୍କଠାରୁ ଟଙ୍କା ନେଇଥିଲେ। ତେବେ ସମ୍ପୃକ୍ତ ସଂସ୍ଥା ଫ୍ଲାଟ ରେଜିଷ୍ଟ୍ରେସନ ନକରି ଲୋକଙ୍କଠାରୁ ଆଗୁଆ ଟଙ୍କା ନେଇଥିବାବେଳେ ପୁଣି ୭୦ରୁ ୯୦ହଜାର ଟଙ୍କା ମାଗିବା ସହ ଟଙ୍କା ନ ଦେଲେ ରେଜିଷ୍ଟ୍ରେଶନ ହେବ ନାହିଁ ବୋଲି କହିଥିବା ଅଭିଯୋଗ ହୋଇଛି। ସେପଟେ ଏନେଇ ସମସ୍ତ ଅଭିଯୋଗକୁ ବିଲ୍ଡର ନିର୍ଦ୍ଦେଶକ ଖଣ୍ଡନ କରିବା ସହ ପାଲଟା ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଉକ୍ତ ସଂସ୍ଥା ବିନା ରସିଦରେ ଲୋକଙ୍କଠାରୁ କୋଟିଏରୁ ଅଧିକ ଟଙ୍କା ଠକି ନେଇଛି। ଏହାସହ ଅଗ୍ନିଶମ ଗାଡି, ଆମ୍ବୁଲାନ୍ସ, କାର୍ ୱାସିଂ ସ୍ଲଟ, କମ୍ୟୁନିଟି ହଲ, ମନ୍ଦିର ଆଦି ନିର୍ମାଣ ସଂସ୍ଥା କହିଥିଲେ ମଧ କୌଣସି ବ୍ୟବସ୍ଥା ନଥିବା ଅଭିଯୋଗ ହୋଇଛି। ସିଡିଏର ସବୁ ନିୟମକୁ ଉଲ୍ଲଂଘନ କରି ନିର୍ମାଣ କାମ ହୋଇଥିଲେ ମଧ କେତେଜଣ ଅଧିକାରୀଙ୍କୁ ହାତ କରି ସଂସ୍ଥା ସିଡିଏ ଆପ୍ରୁଭାଲ ଆଣିଥିବା ଓ ଅତି ନିମ୍ନ ମାନର କାର୍ଯ୍ୟ କରିଥିବା ଆପାର୍ଟମେଣ୍ଟ ସୋସାଇଟି ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲା। ଅପରପକ୍ଷେ ଏ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଲ୍ଡର ସଂସ୍ଥା ନିର୍ଦ୍ଦେଶକ ସତୀଶ ଗୋଇଙ୍କା। ସେ କହିବା ଅନୁଯାୟୀ, ଆପାର୍ଟମେଣ୍ଟ ମାଲିକଙ୍କଠାରୁ ଗ୍ରହଣ କରାଯାଇଥିବା ସମସ୍ତ ଅର୍ଥ ନିୟମ ମୁତାବକ ନିଆଯାଇଛି। ପ୍ରୋଜେକ୍ଟ ଅଞ୍ଚଳକୁ ଲାଗି ରହିଥିବା ଖାଲି ଜମିକୁ ବେଆଇନ ଭାବେ ଦଖଲ କରିବା ପାଇଁ ସେମାନେ ଏଭଳି ମିଥ୍ୟା ଅଭିଯୋଗ କରୁଛନ୍ତି। ଆଜିକୁ ସାଢେ ୫ ବର୍ଷ ହେବ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଫ୍ଲାଟ ମାଲିକ ତାଙ୍କର ମେଣ୍ଟେନାନ୍ସ ଚାର୍ଜ ମଧ ଦେଇନାହାନ୍ତି। ଏଥିଲାଗି ସେମାନଙ୍କ ବିରୋଧରେ ଖୁବଶୀଘ୍ର ଆଇନଗତ ପଦକ୍ଷେପ ନିଆଯିବ ବୋଲି ସଂସ୍ଥା ନିର୍ଦ୍ଦେଶକ ଗୋଇଙ୍କା ସୋମବାର ଖବରଦାତା ସମ୍ମିଳନୀରେ କହିଛନ୍ତି।




୪ ଦଫା ଦାବି ନେଇ ସଫେଇ କର୍ମଚାରୀ ମହାସଂଘ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

## ନୟନଯୋରି ଉପରେ ନିର୍ମାଣ ପାଇଁ ମିଳିଲାନି ଅନୁମତି

କଟକ ସଦର,୨୭।୩(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗୋଚର, ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ ଓ ନଦୀ କିସମ ଜମିରେ ସ୍ଥାୟୀ ନିର୍ମାଣ ସାଧାରଣ କଥା ହୋଇଯାଇଛି। ଏହି ସବୁ ନିର୍ମାଣ ରାଜସ୍ୱ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ମୌଖିକ ନିର୍ଦ୍ଦେଶରେ କରାଯାଇଥିବା କଥା କଟକ ସଦର ବିଡିଓ ଅନେକ ବାର ଲିଖିତ ଆକାରରେ ଜଣାଇ ସାରିଛନ୍ତି। ଏବେ ନୟନ ଯୋରୀ ଉପରେ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଜଳସମ୍ପଦ ବିଭାଗକୁ ଅନୁମତି ମାଗିଥିଲେ। ମାତ୍ର ସମ୍ପୃକ୍ତ ବିଭାଗ ଅନୁମତି ଦେଇ ନାହିଁ। ମହାନଦୀ ଦକ୍ଷିଣ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ରାଜେଶ ମହାନ୍ତିଙ୍କଠାରୁ ଅନୁମତି ମିଳି ନାହିଁ। ବିଡିଓ ରାଜୀବ ଲୋଚନ ପରିଡ଼ା ପତ୍ର ସଂଖ୍ୟା ୩୪୧୭/୨୫।୧୧।୨୦୨୨ ରେ ଅନୁମତି ମାଗିଥିଲେ। ମାତ୍ର ନୟନ ଯୋରିରେ ବର୍ଷା ଦିନେ ଉଦବୃତ ପାଣିକୁ ଗଚ୍ଛିତ ରଖାଯାଇ ଆସ୍ତେ ଆସ୍ତେ ନଦୀ କିମ୍ବା ନାଳକୁ ଛଡା ଯାଏ। ଯଦି ଏଭଳି ଜମିରେ କୋଠା କରାଯାଇ ଦଖଲକୁ ନିଆଯାଏ, ତା'ହେଲେ ଲଗାଣ ବର୍ଷା ବେଳେ ଚାଷ ଜମି ଜନବସତି ବୁଡିଯିବା ନିଶ୍ଚିତ। ଜଳ ସମ୍ପଦ ବିଭାଗ ପତ୍ର ସଂଖ୍ୟା ୧୪୧/୧୬।୩।୨୦୨୩ ରେ ଏଭଳି ନିର୍ମାଣ କରିବା ପାଇଁ ବିଡିଓଙ୍କୁ ଅନୁମତି ଦେବା ତାଙ୍କ କ୍ଷମତା ବାହାରେ ବୋଲି ଅଧିକ୍ଷଣ ଯନ୍ତ୍ରୀ ଜଣାଇଛନ୍ତି।

# ଜେପିସି ଗଠନ ଦାବିରେ ସିପିଏମ୍‌ର ବିକ୍ଷୋଭ

**ଆଦାନୀଙ୍କ ବେଆଇନ ସମ୍ପତ୍ତିକୁ ସୁରକ୍ଷା ଦେଉଛି କେନ୍ଦ୍ର**

କଟକ ଅଫିସ, ୨୭।୩:

ଶିଳ୍ପପତି ଗୌତମ ଆଦାନୀଙ୍କ ବେଆଇନ ସମ୍ପତ୍ତିକୁ କେନ୍ଦ୍ର ସରକାର ସୁରକ୍ଷା ଦେଉଛନ୍ତି। ମରିସସରେ ଥିବା ଆଦାନୀଙ୍କ ଜାଲ୍ କମ୍ପାନୀଗୁଡ଼ିକରେ ୨୦ହଜାର କୋଟି ଟଙ୍କା ବିନିଯୋଗ ପ୍ରସଙ୍ଗରେ ତଦନ୍ତ କରିବା ଓ ପାର୍ଲାମେଣ୍ଟରେ ଆଲୋଚନା କରିବାକୁ କେନ୍ଦ୍ର ସରକାର ଆଦୌ ପ୍ରସ୍ତୁତ ନୁହନ୍ତି। ସେହିପରି ପାର୍ଲାମେଣ୍ଟରେ ରାହୁଲ ଗାନ୍ଧୀଙ୍କୁ ବକ୍ତବ୍ୟ ପାଇଁ ଅନୁମତି ନ ଦେବା, ତାଙ୍କ ବକ୍ତବ୍ୟକୁ କାଣ୍ଟଛାଣ୍ଟ କରିବା ଆଦି ଘଟଣା ଦେଶର ସଂସଦୀୟ ଗଣତନ୍ତ୍ର ପ୍ରତି ବିପଦ ହୋଇଛି। ଏପରିକି ବିରୋଧୀ ଦଳଙ୍କର ସ୍ୱରକୁ ବନ୍ଦ କରି ଦେବା ପାଇଁ ଅଦାଲତ ଜରିଆରେ ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟ ପଦ ରଦ୍ଦ କରାଯାଇଛି ବୋଲି ସିପିଆଇ(ଏମ୍) ଅଭିଯୋଗ କରିଛି। ରାହୁଲ ଗାନ୍ଧୀଙ୍କ ସଦସ୍ୟ ପଦ ରଦ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୌତମ ଆଦାନୀଙ୍କ ଘନିଷ୍ଠତାର ତଦନ୍ତ ପାଇଁ ଜେପିସି (ଯୁଗ୍ମ ସଂସଦୀୟ କମିଟି) ଗଠନ ଦାବିରେ ସିପିଆଇ(ଏମ) ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ସିପିଆଇ(ଏମ୍) କଟକ ଜିଲା ସମ୍ପାଦକ ବଦ୍ରି ନାରାୟଣ ଦାଶ ଯୋଗଦେଇ କହିଥିଲେ, ସାମ୍ପ୍ରଦାୟିକ ଶକ୍ତି ଓ କର୍ପୋରେଟ ମଧ୍ୟରେ ରାଜନୈତିକ ସମ୍ପର୍କ ଗଢିଉଠିଛି। ଏହା ଦେଶର ଗଣତନ୍ତ୍ର ଓ ଦେଶବାସୀଙ୍କ ଅଧିକାରର ସୁରକ୍ଷା ଦିଗରେ ବଡ଼ ବିପଦ ଭାବେ ଉଭା ହୋଇଛି। ଏଣୁ ଏହି ସଂଗ୍ରାମରେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। ଉକ୍ତ ବିକ୍ଷୋଭରେ ଦଳର ନେତା ରବି ନାରାୟଣ ମଲ୍ଲିକ, କଟକ ଆଞ୍ଚଳିକ କମିଟି ସମ୍ପାଦକ ପ୍ରତାପ ମହାପାତ୍ର, ଡମ୍ବରୁଧର ସାହୁ, ରଶ୍ମି ରଞ୍ଜନ ତ୍ରିପାଠୀ, ଚନ୍ଦ୍ରକାନ୍ତ ବେହେରା, ମନମୋହନ ପତି, ନାରୀନେତ୍ରୀ ଶୁଭ୍ରା ମହାପାତ୍ର, ଗୋପାଳ ରାଉତ ସାମିଲ ଥିଲେ।

# ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟାଙ୍କ ଜମା ଉପରେ ଅଙ୍କୁଶ

କଟକ ସଦର,୨୭।୩(ଡି.ଏନ୍.ଏ.)

ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ ରାଜ୍ୟ ମିଶନ ଶକ୍ତି ବିଭାଗ ରାଷ୍ଟ୍ରାୟତ ବ୍ୟାଙ୍କ ଜରିଆରେ ବିନା ସୁଧରେ ଋଣର ବ୍ୟବସ୍ଥା କରିଛନ୍ତି। କିନ୍ତୁ କଟକ ସଦର ବ୍ଲକ ଅଞ୍ଚଳର ଅନେକ ଗୋଷ୍ଠୀ ଦୁଇ ଲକ୍ଷରୁ ଅଧିକ ଟଙ୍କା ଋଣ ନେବା ପରେ ଆଉ ମାସିକିଆ କିସ୍ତି ନିୟମିତ ଭାବେ ପୈଠ କରୁନାହାନ୍ତି। ଏହାକୁ ଦେଖି ଉକ୍ତ ବ୍ଲକ ଅଞ୍ଚଳର ୬ଟି ରାଷ୍ଟ୍ରାୟତ ବ୍ୟାଙ୍କ ଏହିଭଳି ଖିଲାପି ତାଲିକାରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କର ଜମା ଉପରେ ଅଙ୍କୁଶ ଲଗାଇଥିବା ସୂଚନା ମିଳିଛି। ଯେ ପର୍ଯ୍ୟନ୍ତ ଋଣ ପରିଶୋଧ ନ ହୋଇଛି,ସେ ପର୍ଯ୍ୟନ୍ତ ପୂର୍ବରୁ ଥିବା ଜମା ଅର୍ଥ ଆଉ ଉଠାଯାଇପାରିବ ନାହିଁ ବୋଲି ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ମୌଖିକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଭିନ୍ନ ବ୍ୟବସାୟ କରିବା ପାଇଁ ବିନା ବନ୍ଧକରେ ନେଇଥିବା ଅର୍ଥକୁ କିଛି ସ୍ୱୟଂ ସହାୟକ ଗୋଷ୍ଠୀ ଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଖବର ପଦାକୁ ଆସିବା ପରେ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଅଭିନବ ପନ୍ଥା ଅବଲମ୍ବନ କରିଥିବା ଜଣେ ରାଷ୍ଟ୍ରାୟତ ବ୍ୟାଙ୍କର ପରିଚାଳକ ନିଜ ପରିଚୟ ଗୋପନ ରଖି କହିଛନ୍ତି। କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ୩୧୮ଟି ସ୍ୱୟଂ ସହାୟକ ଗୋଷ୍ଠୀ ୨ ଲକ୍ଷରୁ ଊର୍ଦ୍ଧ୍ୱ ଲେଖାଏ ଟଙ୍କା ଋଣ ନେଇଛନ୍ତି। ସୁଧ ମୁକ୍ତ ଋଣକୁ ଗୃହ ଉପକରଣ କିଣିବା, ନୂଆ ଘର କରିବା ଭଳି ଅଣ ବ୍ୟବସାୟୀକ କାର୍ଯ୍ୟରେ ଲଗାଇଥିବା ଖବର କଟକ ସଦର ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ୮ଟି ରାଷ୍ଟ୍ରାୟତ ଓ ୧ଟି ଗ୍ରାମ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିଛି। ଅନେକ ଗ୍ରାମରେ ଋଣ ଅର୍ଥକୁ କେବଳ ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକା ନେଇଯାଇଥିବା ବେଳେ ଅନ୍ୟ ସଭ୍ୟାମାନଙ୍କୁ ଅନ୍ଧାରରେ ରଖାଯାଇଥିବା କୁହାଯାଉଛି। ଯାହା ତଦନ୍ତ ହେବା ଜରୁରୀ। ତେଣୁ ଋଣ ନ ଶୁଝିବା ପର୍ଯ୍ୟନ୍ତ ଜମାଥିବା ଅର୍ଥ ଉଠାଣ ନ କରିବାକୁ ସ୍ୱୀକାରୋକ୍ତି ଦାଖଲ ପାଇଁ ବିଭିନ୍ନ ବ୍ୟାଙ୍କରେ ଭିଡ଼ ଜମିଥିବା ଦେଖାଯାଉଛି।

# ୱାର୍ଡ ନଂ.୪ର ଉନ୍ନୟନ କାର୍ଯ୍ୟ ପରଖିଲେ ମେୟର

**ମୋ ୱାର୍ଡ ଅଭିଯାନର ୨ୟ ଦିବସ**

କଟକ ଅଫିସ,୨୭।୩

ମୋ ୱାର୍ଡ ଅଭିଯାନର ସୋମବାର ଦ୍ୱିତୀୟ ଦିବସରେ ମେୟର ସୁବାସ ସିଂ ୱାର୍ଡ ନଂ.୪ରେ ପରିମଳ ବ୍ୟବସ୍ଥାର ଦାୟିତ୍ୱରେ ଥିବା ସଂସ୍ଥା ଓ ତାହାର ପରିମଳ ବ୍ୟବସ୍ଥା ପରିଚାଳନା ସ୍ଥିତି ଅନୁଧ୍ୟାନ କରିଥିଲେ। ସେକ୍ଟର ୯ସ୍ଥିତ କେନ୍ଦ୍ରୀୟ ଚାରା ରୋପଣ କେନ୍ଦ୍ର ନିକଟରେ ହାଜିରା ପଏଣ୍ଟ ପାଖରେ ପହଞ୍ଚି, ସେମାନଙ୍କର ଉପସ୍ଥାନ ନେବା ସହିତ ୱାର୍ଡର ପରିମଳ ବ୍ୟବସ୍ଥା ଉପରେ ମେୟର ତଦାରଖ କରିଥିଲେ। ଏହି ସମୟରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର, ତ୍ରିନାଥ ନାୟକ, କର୍ପୋରେଟର ପୁଷ୍ପିତ ମହାନ୍ତି, ୱାର୍ଡ ଅଫିସର ହିମାଂଶୁ ଶେଖର ସାହୁ, ସଞ୍ଜୀବ ବିଦ୍ଧାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ପୂର୍ବାହ୍ନ ୧୦ଟାରେ ମେୟରଙ୍କ ସହିତ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ମୁଖ୍ୟଯନ୍ତ୍ରୀ ନନ୍ଦ କିଶୋର ପାଲ, ସହକାରୀ ଯନ୍ତ୍ରୀ ଦେବେନ୍ଦ୍ର କୁମାର ପ୍ରଧାନ, ୱାର୍କୋର ସହକାରୀ ଯନ୍ତ୍ରୀ ଜଗନ୍ନାଥ ସାହୁ, ଜାଇକାର ଯନ୍ତ୍ରୀ ସ୍ୱର୍ଣ୍ଣପ୍ରଭା, କନିଷ୍ଠ ଯନ୍ତ୍ରୀ ଦିଲୀପ ସ୍ୱାଇଁ, କର୍ପୋରେଟର ପ୍ରିୟମ୍ବଦା ମହାନ୍ତି ଏକତ୍ର ହୋଇ ୱାର୍ଡରେ ଥିବା ସମସ୍ତ ସ୍କୁଲ, ଖେଳପଡିଆ, ଡାକ୍ତରଖାନା, ପାର୍କ, ନୂତନ ଭାବେ ନିର୍ମାଣ ହେଉଥିବା ଡ୍ରେନର ତଦାରଖ କରିଥିଲେ। ଅଧିକାରୀମାନଙ୍କୁ କମିଶନର ଏବଂ ମେୟର ତୁରନ୍ତ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦ୍ୱିପ୍ରହରରେ ମେୟର ଶୋଭନୀୟ ଶିକ୍ଷାଶ୍ରମ ଯାଇ ପିଲାଙ୍କ ସହ ଖାଦ୍ୟ ଗ୍ରହଣ କରି ଆଳାପ କରିଥିଲେ। ମୋ ୱାର୍ଡ କାର୍ଯ୍ୟକ୍ରମର ତୃତୀୟ ସୋପାନରେ ଅପରାହ୍ନ ୩ଟାରେ ସେକ୍ଟର ୮ଶିବ ମନ୍ଦିର ପରିସରରେ ୩୫୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ମେୟରଙ୍କ ସହିତ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି, ତପତି ଦାସ, ଦୀପ୍ତିରଞ୍ଜନ ରାୟ, କଟକ ଜିଲା ସାଧାରଣ ସମ୍ପାଦକ ଅକ୍ଷୟ ମହାନ୍ତି, କଟକ ନଗର ବିଜେଡି ଯୁବ ଉପସଭାପତି ବିନୋଦ ପଣ୍ଡା, ସାଧାରଣ ସମ୍ପାଦକ ପ୍ରକାଶ ସିଂ, ବିଶ୍ୱନାଥ ଧୀର ପ୍ରମୁଖ ଉପସ୍ଥିତ ଥିଲେ। ୪ର୍ଥ ସୋପାନରେ ଅପରାହ୍ନ ୫ଟାରେ ସେକ୍ଟର ୮ ସ୍ଥିତ ଯୁବ ଶକ୍ତି ଓ କ୍ଲବ ସଦସ୍ୟ ଏବଂ ଷ୍ଟ୍ରିଟ ଭେଣ୍ଡର୍ସ ସଦସ୍ୟମାନଙ୍କୁ ନେଇ ବୈଠକ ହୋଇଥିଲା। ମେୟର ସମସ୍ତ ସମସ୍ୟା ଶୁଣି ନୀତି ଅନୁଯାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଗାନ୍ଧିଜୀଙ୍କ ଜନ୍ମପୀଠରେ ସମ୍ବାଦପତ୍ର ବିକ୍ରେତା ସଂଘ



ଗୁଜରାଟସ୍ଥିତ ମହାତ୍ମା ଗାନ୍ଧୀଙ୍କ ଜନ୍ମପୀଠ ପରିଦର୍ଶନରେ ଆସିଥିବା ସମ୍ବାଦପତ୍ର ବିକ୍ରେତା ସଂଘ ସଦସ୍ୟ।

କଟକ ଅଫିସ, ୨୭।୩:

କଟକ ସମ୍ବାଦପତ୍ର ବିକ୍ରେତା ସଂଘର କର୍ମକର୍ତ୍ତାମାନେ ତୀର୍ଥଯାତ୍ରାରେ ଯାଇଛନ୍ତି। ସଂଘର ୩୬ଜଣ ସଭ୍ୟ ଭୁବନେଶ୍ୱର ରେଳଷ୍ଟେଶନରୁ ପୁରୀ-ଅହମ୍ମଦାବାଦ ଏକ୍ସପ୍ରେସ୍‌ରେ ଯାଇ ଗୁଜରାଟରେ ପହଞ୍ଚିଛନ୍ତି। ସଂଘର ସଭ୍ୟମାନେ ସୋମବାର ଗୁଜରାଟର ପୋରବନ୍ଦର କାଠିଆବାଡ଼ରେ ମହାତ୍ମା ଗାନ୍ଧୀଙ୍କ ଜନ୍ମପୀଠ ପରିଦର୍ଶନ କରିଛନ୍ତି। ଏଥିସହ ସଭ୍ୟମାନେ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଥିବା ଫଟୋଚିତ୍ର ଦେଖିଥିଲେ। ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ପୀତାମ୍ବର ବେହେରା, ସାଧାରଣ ସମ୍ପାଦକ ବିଷ୍ଣୁ ଚରଣ ଦାସ, ସହସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧ୍ୟକ୍ଷ ଅକ୍ଷୟ ମହାନ୍ତି, ପ୍ରଭାସ ପ୍ରଧାନ, ହିମାଂଶୁ ମହାପାତ୍ର, ପ୍ରଦ୍ୟୁମ୍ନ ବିଶୋଇ ପ୍ରମୁଖ ଏହି ପରିଭ୍ରମଣର ଦାୟିତ୍ୱ ନେଇଛନ୍ତି।

# ପ୍ରଥମ ଅବସ୍ଥାରୁ କ୍ୟାନ୍‌ସର ଚିକିତ୍ସା କଲେ ସୁସ୍ଥ ହୋଇପାରିବ

**ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ସଚେତନତା ଶିବିର**

କଟକ ଅଫିସ,୨୭।୩:

କଟକସ୍ଥିତ ସମସ୍ତ ଇନରହୁଇଲ କ୍ଲବ ଓ ଜଗତପୁରସ୍ଥିତ ସଦ୍‌ଗୁରୁ କ୍ୟାନସର ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ନାରୀ ସଂଘ ସେବା ସଦନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ସଦ୍‌ଗୁରୁ ହସ୍ପିଟାଲର କର୍କଟ ରୋଗ ବିଶେଷଜ୍ଞ ଡା. ସୌମ୍ୟରଞ୍ଜନ ମିଶ୍ର, ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ସମିତା ମହାନ୍ତି, ମେଡିସିନ ବିଶେଷଜ୍ଞ ଡା. ବ୍ରିଜେଶ ନନ୍ଦ ଓ ଶଲ୍ୟ ଚିକିତ୍ସକ ଡା. ଜ୍ୟୋତିର୍ମୟୀ ମହାଲିକ ଯୋଗଦେଇ ରୋଗୀଙ୍କ ପରୀକ୍ଷା କରିଥିଲେ। ଶିବିରରୁ ଚିହ୍ନିତ ହୋଇଥିବା କର୍କଟ ରୋଗୀଙ୍କୁ କ୍ଲବ ସହାୟତାରେ ଅଧିକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏହି ଅବସରରେ ଡା. ମିଶ୍ର କହିଥିଲେ, କ୍ୟାନ୍‌ସରକୁ ନ ଡରି ରୋଗର ପ୍ରଥମ ଅବସ୍ଥାରୁ ଚିହ୍ନି ଚିକିତ୍ସା କଲେ ସହଜରେ ଆରୋଗ୍ୟ ଲାଭ କରିହେବ। ଇନର ହୁଇଲ କ୍ଲବର ସଭାପତି ପୁଷ୍ପା ପାତ୍ର, ଲିପ୍‌ସା ପଣ୍ଡା, ମିନାକ୍ଷୀ ମିଶ୍ର, ଝରଣା ପଟ୍ଟନାୟକ, ସୌମ୍ୟାଶ୍ରୀ ପଣ୍ଡା, ପ୍ରିୟଙ୍କା ଦାସ ଓ ସ୍ମିତା ମହାପାତ୍ର, କଟକ କ୍ଲବର ପୂର୍ବତନ ସଭାପତି ସଂଯୁକ୍ତା ପଟ୍ଟନାୟକ ଓ ଇନର ହୁଇଲ ଜିଲା ୩୨୬ ପୂର୍ବତନ ଅଧ୍ୟକ୍ଷା ଇନା ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ସଦ୍‌ଗୁରୁ କ୍ୟାନସର ହସ୍ପିଟାଲ ମାର୍କେଟିଂ ମ୍ୟାନେଜର ଶୁଭାଶିଷ ପ୍ରସାଦ ବେହେରା ଶିବିର ପରିଚାଳନା କରିଥିଲେ।




ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଥିବା ଛାତ୍ରୀଛାତ୍ରମାନେ।

# ଜନଶୁଣାଣିରେ ମହିଳା ଗୋଷ୍ଠୀ ମୁହାଁମୁହିଁ

**ମିଶନ ଶକ୍ତି ସଭାନେତ୍ରୀଙ୍କ ନାଁରେ ଅଭିଯୋଗ**

ନିଆଳି,୨୭।୩(ଡି.ଏନ୍.ଏ.)

ନିଆଳି ବ୍ଲକରେ ସୋମବାର ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ହେଲେ ଶିବିର ଚାଲିଥିବାବେଳେ କୌଣସି କାରଣକୁ ନେଇ ୨ ମହିଳା ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପାଟିତୁଣ୍ଡ ଏତେ ଜୋରରେ ହୋଇଥିଲା ଯେ, ପରିସ୍ଥିତିକୁ ଆୟତ୍ତ କରିବାକୁ ପ୍ରଶାସନ ନାକେଦମ୍ ହୋଇଛି। ଏହି ଘଟଣା ମିଶନ ଶକ୍ତି ମଧ୍ୟରେ ଥିବା ଗୋଷ୍ଠୀକନ୍ଦଳକୁ ପଦାରେ ପକାଇଛି। ରବିବାର ବ୍ଲକ ନିକଟ ସପ୍ତମୀ ପଡିଆରେ ହଜାର ହଜାର ସଂଖ୍ୟାରେ ମହିଳାଙ୍କୁ ନେଇ ମହିଳା ସମାବେଶ ହୋଇଥିବାବେଳେ ପରଦିନ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପଦାରେ ପଡିଛି ମିଶନ ଶକ୍ତିର ଫାଟ।

ସୂଚନା ଅନୁଯାୟୀ, ସୋମବାର ଜିଲାପାଳ ଭବାନୀ ଶଙ୍କର ଚୟନୀ ନିଆଳିରେ ପହଞ୍ଚି ଜନତାଙ୍କ ଅଭିଯୋଗ ଶୁଣାଣି କରୁଥିବାବେଳେ ଏହି ବ୍ଲକର ମାଧବ ପଞ୍ଚାୟତର ୨ ମହିଳା ଗୋଷ୍ଠୀଙ୍କ ସହ ମିଶନ ଶକ୍ତି ସଭାନେତ୍ରୀ ସପକ୍ଷ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ବାକ୍‌ବିତଣ୍ଡା ଚାଲିଥିଲା। ଯୁକ୍ତିତର୍କ ଅଧିକ ହେବାରୁ ଜିଲାପାଳ ବୁଝାଇବାକୁ ଆସିଥିଲେ। ପଚାରିବାରେ ମହିଳା ଗୋଷ୍ଠୀର ସଦସ୍ୟ ଜଣାଇଥିଲେ ଯେ, ମିଶନଶକ୍ତିର ସଭାନେତ୍ରୀ ମନମୁଖି ଡିପୋଜିଟ କରୁଛନ୍ତି, ଡିପୋଜିଟ ପ୍ରମାଣ ଦେଉନାହାନ୍ତି, କୋଉ ବ୍ୟାଙ୍କରେ ଖାତା ଖୋଲାଯାଇଛି ଗ୍ରୁପ ସଦସ୍ୟଙ୍କୁ ଜଣାଉନାହାନ୍ତି। ପଚାରିଲେ ଗାଳିଗୁଲଜ କରୁଛନ୍ତି ବୋଲି ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଶିବିର ବାହାରେ ସଭାନେତ୍ରୀଙ୍କୁ ହଟାଇବା ପାଇଁ ଦାବି କରି ତଳେ ବସିଥିଲେ ମହିଳା ଗୋଷ୍ଠୀ। ଜିଲାପାଳ ମହିଳାମାନଙ୍କୁ ବୁଝାଇବାରେ ନାକେଦମ ହେଉଥିବାବେଳେ ସଭାନେତ୍ରୀଙ୍କ ସହଯୋଗୀ ମହିଳାମାନେ ପଛପଟୁ ଆସି ଏହି ଅଭିଯୋଗକାରୀ ମହିଳାଙ୍କ ସହ ଯୁକ୍ତିତର୍କ କରିଥିଲେ। ଯାହାକୁ ନେଇ କିଛି ସମୟ ଧରି ଶିବିର ମଧ୍ୟରେ ପାଟିତୁଣ୍ଡ ଲାଗିରହିଥିଲା। ବହୁ ଚେଷ୍ଟା ପରେ ଜିଲାପାଳ ଚୟନୀ ଓ ପିଡି ଅମ୍ବର କର ଅଭିଯୋଗକାରୀ ମହିଳାଙ୍କୁ ବୁଝାଇ ୭ଦିନ ମଧ୍ୟରେ ରିପୋର୍ଟ ମଗାଯିବା ସହ ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେବାପରେ ଘଟଣା ଶାନ୍ତ ହୋଇଥିଲା। ଅଭିଯୋଗ ସମ୍ପର୍କରେ ସଭାନେତ୍ରୀଙ୍କୁ ଯୋଗାଯୋଗ କରିଥିବାବେଳେ ପ୍ରତିକ୍ରିୟା ଦେବାକୁ ମନା କରିଥିଲେ। ଏହି ଶିବିରରେ ୧୬୩ଜଣ ଅଭିଯୋଗକାରୀ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଛନ୍ତି।



ଉତ୍ୟକ୍ତ ମହିଳା ଗୋଷ୍ଠୀଙ୍କୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଝାଉଛନ୍ତି।

### ସଂକ୍ଷେପରେ

## ବାଇକ୍, ମଦ ଜବତ: ୨ ବ୍ୟବସାୟୀ ଗିରଫ

ବାଲୁଗାଁ,୨୭ା୩(ଡି.ଏନ୍.ଏ.): ବାଲୁଗାଁ ଅବକାରୀ ବିଭାଗ ସୋମବାର ସକାଳେ ଚଢ଼ାଉ କରି ବେଆଇନଭାବେ ଚାଲାଣ ହେଉଥିବା ୧୦୦ଲିଟର ଦେଶୀ ପ୍ୟାକେଟ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବାଣପୁର ନିକଟ ଭାଗୀରଥିପୁର ଗ୍ରାମର ସୁଶାନ୍ତ ଦାସ ଏବଂ ଭେଟେଶ୍ୱର ଗ୍ରାମର ମନୁ ପ୍ରଧାନ। ଏମାନଙ୍କ ନିକଟରୁ ଦୁଇଟି ବାଇକ ଓ ମଦ ଜବତ କରାଯାଇଛି। ସୂଚନା ମୁତାବକ, ଆଦିବାସୀ ଅଧ୍ୟୁଷିତ ବରବରା ଓ ଧୂଆଁନଳୀ ଜଙ୍ଗଲରୁ ବେଆଇନଭାବେ ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ବେଳେ ଅବକାରୀ ବିଭାଗ ଏହାକୁ ରୋକିବା ପାଇଁ ସଦାସର୍ବଦା ଚଢ଼ାଉ କରି ଅଭିଯୁକ୍ତଙ୍କ ଗିରଫ ଜାରିରଖିଛି। ଏପରିସ୍ଥଳେ ଧୂଆଁନଳୀ ଜଙ୍ଗଲରୁ ମଦ ଚୋରାଚାଲାଣ ହେଉଥିବା ଖବରପାଇ ବାଲୁଗାଁ ଅବକାରୀ ଅଧିକାରୀ ରୋହିତ କୁମାର ଦଣ୍ଡସେଣ ଏବଂ ଟାଙ୍ଗୀ ଅବକାରୀ ନିରୀକ୍ଷକ ଆଲୋକ କୁମାର ପ୍ରଧାନ ସଦଳବଳ ସାନସିରେଇପୁର ଫରେଷ୍ଟ ବିଟ୍ ହାଉସ୍ ଗେଟ୍ ନିକଟରୁ ଦୁଇ ଅଭିଯୁକ୍ତଙ୍କୁ ଧରିବା ସହ ବାଇକ ଏବଂ ମଦ ଜବତ କରିଥିଲେ। ସୁଶାନ୍ତଙ୍କଠାରୁ ୬୦ଲିଟର ଏବଂ ମନୁଙ୍କ ନିକଟରୁ ୪୦ଲିଟର ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ କର୍ମଚାରୀ ରତ୍ନାକର ଜାଲି, ଉର୍ମିଷ୍ଠା ସାମନ୍ତସିଂହାର, ଲିପନ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## କାଳରାତ୍ରି ବେଶରେ ଜାଗୁଳାଈ

ଜଟଣୀ,୨୭ା୩(ଡି.ଏନ୍.ଏ.): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରି ଗ୍ରାମର ଗ୍ରାମଦେବୀ ମା'ଜାଗୁଳାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବର ସୋମବାର ସପ୍ତମୀ ତିଥିରେ କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି ମା'ଜାଗୁଳାଈ। ମଙ୍ଗଳବାର ଅଷ୍ଟମୀ ତିଥିରେ ପ୍ରଥମ କରି ଜାଗୁଳାଈ ସକାଳ ସୂର୍ଯ୍ୟ ପୂଜା ପରେ ସ୍ୱତନ୍ତ୍ର ପାଲିଙ୍କିରେ ଗ୍ରାମ ପରିକ୍ରମା କରିବେ। ଗ୍ରାମର ବିଭିନ୍ନ ସାହି ଦେଇ ଗଡ଼ ବଘେଇ ଠାକୁରାଣୀଙ୍କ ପାଖେ ପହଞ୍ଚିବେ। ସେଠାରେ ମା'ଙ୍କୁ ସ୍ୱାଗତ ସହ କୋଠୋ ଭୋଗ ଓ ମଧ୍ୟାହ୍ନ ଭୋଗ ଲାଗି କରାଯିବ। ବିଶ୍ରାମ ପରେ ଅପରାହ୍ନରେ ଜାଗୁଳାଇ ବାଟରେ ଥିବା ମା'ମଙ୍ଗଳାଙ୍କ ବେଢ଼ା ପରିକ୍ରମା କରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ପୁନଃ ମହାସ୍ନାନ ପରେ ଚିତ୍ରକର ବିଜୟ କୁମାର ପଣ୍ଡାଙ୍କ ଦ୍ୱାରା ମା'ଙ୍କୁ ମହାଗୌରୀ ବେଶରେ ସଜ୍ଜିତ କରାଯାଇ ସନ୍ଧ୍ୟାରେ ସାଧାରଣ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି।

## ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ

ଯାଁଳା,୨୭ା୩(ଡି.ଏନ୍.ଏ.): ଇନ୍‌ଫୋଭ୍ୟାଲି ଥାନା ପୋଲିସ ସୋମବାର ଜଣେ ଶ୍ରମିକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମଦନପୁର-ଅରିଶଳ ରାସ୍ତାର ନିର୍ମାଣାଧୀନ ଆପାର୍ଟମେଣ୍ଟରେ କାର୍ଯ୍ୟ କରୁଥିବା ନାଚୁଣୀ କନ୍ଧ ଆମ୍ବଝର ଗ୍ରାମର ବିକାଶ ବାରିକ(୨୫)। ସୂଚନା ମୁତାବକ, ଉକ୍ତ ଆପାର୍ଟମେଣ୍ଟ ନିର୍ମାଣ ଚାଲିଥିବା ବେଳେ ବିକାଶ ସେଠାରେ ଶ୍ରମିକଭାବେ କାର୍ଯ୍ୟ କରିଆସୁଛନ୍ତି। କୌଣସି କାରଣକୁ ନେଇ ସେ ରବିବାର ରାତିରେ ବେକରେ ଗାମୁଛା ବାନ୍ଧି ନିକଟରେ ଥିବା ଏକ ଗଛରେ ଝୁଲିପଡ଼ିଥିଲେ। ସୋମବାର ସକାଳେ ଅନ୍ୟ ଶ୍ରମିକମାନେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ପ୍ରକଳ୍ପ ଦେଖିଲେ ସୁଡା ପ୍ରତିନିଧି ଟିମ୍

ଖୋର୍ଦ୍ଧା ଅଫିସ,୨୭ା୩



ସୁଡା ପ୍ରତିନିଧି ଦଳ ସହ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ଏବଂ ଅନ୍ୟମାନେ।

ଭାରତ ସରକାରଙ୍କ ପକ୍ଷରୁ ସ୍ୱଚ୍ଛତା ଯାତ୍ରା ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ସିକ୍କିମ ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ(ସୁଡା) ପକ୍ଷରୁ ଏକ ପ୍ରତିନିଧି ଦଳ ସୋମବାର ଖୋର୍ଦ୍ଧା ପୌରାଞ୍ଚଳ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ଉନ୍ନୟନ ଯୋଜନା, ସ୍ୱଚ୍ଛତା ସମ୍ପର୍କରେ ପୌର କର୍ତ୍ତୃପକ୍ଷ ଓ ସ୍ୱଚ୍ଛସାଥୀମାନଙ୍କ ସହ ଆଲୋଚନା କରିଥିଲେ।

ସୋମବାର ପୂର୍ବାହ୍ନରେ ଏହି ପ୍ରତିନିଧି ମଣ୍ଡଳୀ ଖୋର୍ଦ୍ଧା ପୌର କାର୍ଯ୍ୟାଳୟରେ ପହଞ୍ଚିବା ପରେ ପୌର ପରିଷଦ ପକ୍ଷରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେଠାରୁ ଟିମ୍ ଚାଚରା ଶବରସାହିଠାରେ ଚାଲିଥିବା ଜୈବିକ ଖତ ଓ ମଳ ଉପଚାର କେନ୍ଦ୍ରକୁ ଯାଇଥିଲେ। ସହରରୁ ସଂଗୃହୀତ ଓଦା ଓ ଶୁଖିଲା ପଦାର୍ଥକୁ କିପରି ପ୍ରକ୍ରିୟାକରଣ କରାଯାଉଛି, ସିମେଣ୍ଟ ଟାଙ୍କିରେ ଚାଲିଥିବା ଖତ ପ୍ରସ୍ତୁତି, ଗୁଣବତ୍ତା ପରଖିଥିଲେ। ଦାୟିତ୍ୱରେ ଥିବା ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ବରୁଣେଇ ପୀଠ ପରିଦର୍ଶନ କରିଥିଲେ। ନିର୍ମାଣାଧୀନ ଶିଶୁ ଉଦ୍ୟାନ, ସ୍ମାର୍ଟ ପାର୍କ ବୁଲି ଦେଖିଥିଲେ। ପାର୍କ ପରିସରର ସୌନ୍ଦର୍ଯ୍ୟକରଣକୁ ଦେଖି ଖୁସି ହୋଇଥିଲେ। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଯୋଜନା(ମୁକ୍ତା)ରେ ଚାଲିଥିବା ବର୍ଷାଜଳ ସଂରକ୍ଷଣ, ମୁକ୍ତାକାଶ ବ୍ୟାୟାମଶାଳା ସମେତ ଅନ୍ୟାନ୍ୟ ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ପୌର ସମ୍ମିଳନୀ କକ୍ଷରେ ଜନପ୍ରତିନିଧି, ସ୍ୱଚ୍ଛ ସାଥୀ, ସୁପରଭାଇଜରମାନଙ୍କ ସହ ଆଲୋଚନା କରିଥିଲେ। ସହରରେ କିପରି ଅଳିଆ ସଂଗ୍ରହ କରାଯାଉଛି, ସ୍ୱଚ୍ଛସାଥୀଙ୍କ ଭୂମିକା, ଦାୟିତ୍ୱ ସମ୍ପର୍କରେ ପଚାରି ବୁଝିଥିଲେ। ମୁକ୍ତା ଯୋଜନାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଦ୍ୱାରା ଚାଲିଥିବା ପ୍ରକଳ୍ପ, ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ସହରାଞ୍ଚଳର ବିକାଶରେ ମହିଳାଙ୍କ ସହଭାଗିତାକୁ ନେଇ ପ୍ରଶଂସା କରିଥିଲେ। ଏହି ଗସ୍ତ ବେଳେ ପୌର ନିର୍ବାହୀ ଅଧିକାରୀ ରିଜୱାନା କିଅକପ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତିଙ୍କ ସମେତ କାଉନସିଲର, ପୌର ଅଧିକାରୀମାନେ ଉପସ୍ଥିତ ଥିଲେ।

■ ସହରାଞ୍ଚଳ ବିକାଶରେ ମହିଳାଙ୍କ ସହାଭାଗିତାକୁ ପ୍ରଶଂସା

■ ଏସ୍‌ଏଚ୍‌ଜି, ସ୍ୱଚ୍ଛସାଥୀଙ୍କ ସହ ଆଲୋଚନା କଲେ



ଜଟଣୀ କୁଦିଆରୀସ୍ଥିତ ମା' ଜାଗୁଳାଈଙ୍କ କାଳରାତ୍ରି ଏବଂ ନିରାକାରପୁର ରାମେଶ୍ୱରପୁର ପଞ୍ଚାୟତସ୍ଥିତ ବନଦୁର୍ଗାଙ୍କ କାତ୍ୟାୟନୀ ବେଶ।

## କାତ୍ୟାୟନୀ ବେଶରେ ଦର୍ଶନ ଦେଲେ ମା'ବନଦୁର୍ଗା

ନିରାକାରପୁର,୨୭ା୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ନବଦିନାତ୍ମକ ବାସନ୍ତିକ ଦୁର୍ଗାପୂଜାର ଷଷ୍ଠ ଦିବସରେ ମା'ବନଗୁର୍ଗା କାତ୍ୟାୟନୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ଉପଲକ୍ଷେ ସକାଳେ ମଙ୍ଗଳ ଆଳତି, ବାଳଭୋଗ, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ଶପ୍ତଶତୀ ଚଣ୍ଡୀପାଠ, ସନ୍ଧ୍ୟାରେ ବାଳଭୋଗ, ଅଧରପଣା ଓ ମହାପ୍ରସାଦ ଅର୍ପଣ ପୂର୍ବକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ମା'କାତ୍ୟାୟନୀଙ୍କୁ ପୂଜାର୍ଚ୍ଚନା କଲେ ସକଳ କାମନା ସିଦ୍ଧିଲାଭ ହୋଇଥାଏ ବୋଲି ପୂଜକ କୃପାସିନ୍ଧୁ ପଣ୍ଡା ଓ ତପନ ମହାପାତ୍ର କହିଛନ୍ତି।

## ବିନା ଲାଇଟ୍‌ରେ ସଚେତନତା ପାଲା ପରିବେଷଣ

ବାଲୁଗାଁ,୨୭ା୩(ଡି.ଏନ୍.ଏ.)

ସରକାରଙ୍କ ଖୋର୍ଦ୍ଧା ଜିଲା ପ୍ରାଣୀ ସମ୍ପଦ ବିଭାଗ ଦ୍ୱାରା ଅନୁବନ୍ଧିତ ପାଲା ଦଳ ଜୀବେ ଦୟା ସମ୍ପର୍କରେ ଜନସଚେତନତା ଲକ୍ଷ୍ୟ ନେଇ ସୋମବାର ନାଚୁଣୀ, ଗମ୍ଭାରୀମୁଣ୍ଡା, ବାଣପୁର, ବାଲୁଗାଁ ଆଦି ୫ଟି ସ୍ଥାନରେ ଏକ ଘଣ୍ଟାରୁ ଅଧିକ ସମୟ ଜୀବେ ନିଷ୍ଠୁରତା ଓ ଜୀବେ ଦୟା ସମ୍ପର୍କରେ ଜନ ସଚେତନତା ପଥପ୍ରାନ୍ତ ପାଲା ପରିବେଷଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଚିଲିକା କୂଳ ସ୍ଥିତ ଏକ ଅସ୍ଥାୟୀ ମଣ୍ଡପରେ ସନ୍ଧ୍ୟା ୫ଟା ୩୦ରେ ଏହି ପାଲା ଅନୁଷ୍ଠିତ ହୋଇଥିଲା। କିନ୍ତୁ କିଛି ସମୟ ପରେ ଅନ୍ଧାର ହୋଇଯିବାରୁ ଅନୁବନ୍ଧିତ ପାଲା ଦଳ ବିନା ଲାଇଟରେ ପାଲା ପରିବେଷଣ ଯୋଗୁ ଜୀବେ ଦୟା ସମ୍ପର୍କରେ କୌଣସି ସଚେତନମୂଳକ ଶିକ୍ଷା ଲାଭ କରିପାରି ନ ଥିଲେ । ବହୁ ଦର୍ଶକ ଅସନ୍ତୋଷ ବ୍ୟକ୍ତ କରି ଫେରିଯାଇଥିଲେ। ଜିଲା ପ୍ରଶାସନ ଓ ପ୍ରାଣୀ ସମ୍ପଦ ପକ୍ଷରୁ ଯେଉଁ ଲକ୍ଷ୍ୟ ନେଇ ଏହି ସଚେତନତା ପାଲାର ବ୍ୟବସ୍ଥା କରାଯାଇଥିଲା ତାହା ବାଲୁଗାଁରେ ଏକପ୍ରକାର ବିଫଳ ହୋଇଛି।

# ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

ଖୋର୍ଦ୍ଧା ଅଫିସ / ଟାଙ୍ଗୀ,୨୭ା୩(ଡି.ଏନ୍.ଏ.)

ଗଣଶିକ୍ଷା ବିଭାଗ ସମଗ୍ର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ସୋମବାର ଟାଙ୍ଗୀ ମଣ୍ଡଳସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ବଳରାମ ଦେବ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯମୁନା ମଣି ହେମ୍ବ୍ରମ, ସୁଧାଂଶୁ ମଞ୍ଜରୀ ଦେବୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ, ପରିଚାଳନା କମିଟି ସଭାପତି ସୁନୀଲ କୁମାର ମହାନ୍ତି, ଗୋପାଳ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ପର୍କିତ ଶିକ୍ଷଣ ସାମଗ୍ରୀ ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଏହି ପ୍ରଦର୍ଶନୀରେ ୧୩୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୭୦ ଜଣ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସହ ଜିଲା ଶିକ୍ଷା ଅଧିକାରୀ ଅମ୍ରିତା ପ୍ରୀତିନନ୍ଦା, ପଞ୍ଚାୟତ ସମିତି ଅଧ୍ୟକ୍ଷ ରିସ୍ମା ମାନ୍ଧାତା, ତହସିଲଦାର ଜନ୍ମେଜୟ ସାହୁ, ଗୋଷ୍ଠୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ, ସାବିତ୍ରୀ ସାହୁ, ବିଶ୍ୱଜିତ୍ ପଲାଇ, ସୁନୀଲ ମହାନ୍ତି, ପ୍ରସନ୍ନ ଶ୍ରୀଚନ୍ଦନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଶିକ୍ଷଣ ସାମଗ୍ରୀ ପରିଦର୍ଶନ କରି ପ୍ରଶଂସା କରିଥିଲେ। ବିଚାରକଭାବେ ଗୋପାଳ ଚନ୍ଦ୍ର ତ୍ରିପାଠୀ, ଶିକ୍ଷକ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ଯୋଗଦେଇ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ନାଳସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନୂଆପଡା ପ୍ରାଥମିକ ବିଦ୍ୟାଳୟ ଏବଂ ପାରିଓରଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶଂସାପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ପ୍ରସନ୍ନ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ନୀଳାଦ୍ରି କୁମାର ସିଂହ। ମାଧବ ମହାରଣା, ପ୍ରଜ୍ଞାପାରମିତା ସ୍ୱର୍ଣ୍ଣପ୍ରଭା ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ଲଳିତ ନାରାୟଣ ମହାପାତ୍ର, କାହ୍ନୁ ବେହେରା, ପ୍ରସନ୍ନ ପାଇକରାୟ, ବଳଭଦ୍ର ସେଠୀ, ପ୍ରଶାନ୍ତ ମହାପାତ୍ର, ବିଜୟାନନ୍ଦ ସାହୁ, ପ୍ରଶାନ୍ତ ବେହେରା, ସପନ ସର୍ଦ୍ଦାର, ଅମିତ ଚକ୍ରବର୍ତ୍ତୀ, ଦୁଃଶାସନ ପ୍ରଧାନ, ଶୁଭସ୍ମିତା ସେଠୀ, ଭାଗ୍ୟଶ୍ରୀ ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଅଭିଯୁକ୍ତ ଯୁବକଙ୍କୁ ଆଜୀବନ ଜେଲଦଣ୍ଡ

ଭୁବନେଶ୍ୱର,୨୭ା୩(ବ୍ୟୁରୋ)

### ନାବାଳିକା ହତ୍ୟା ମାମଲା

ଜଟଣୀ ଥାନା ଅଞ୍ଚଳର ଜଣେ ୫ବର୍ଷୀୟ ବାଳିକାଙ୍କୁ ବଳାତ୍କାର ଉଦ୍ୟମ ସହ ହତ୍ୟା ମାମଲାରେ ସୋମବାର ରାୟ ପ୍ରକାଶ ପାଇଛି। ଜଟଣୀ ଅଞ୍ଚଳରେ ରହୁଥିବା ଗଞ୍ଜାମ ଜିଲା ଗୁଗୁଡ଼ା ଥାନା ଅଞ୍ଚଳର ସମ୍ପୃକ୍ତ ଅଭିଯୁକ୍ତ ଆନନ୍ଦ ପ୍ରଧାନଙ୍କୁ ଆଜୀବନ ଜେଲଦଣ୍ଡ ହୋଇଛି। ଏଥିସହ ୧୭ ହଜାର ଟଙ୍କାର ଅର୍ଥଦଣ୍ଡରେ ମଧ ଦଣ୍ଡିତ କରାଯାଇଛି। ଜରିମାନା ଅନାଦେୟ ଅଧିକ ୪ ମାସ ଜେଲଦଣ୍ଡ ଭୋଗିବେ ବୋଲି ଭୁବନେଶ୍ୱର ପୋକ୍‌ସୋ ସ୍ୱତନ୍ତ୍ର ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ବି.ସି ରାଉତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପିଡ଼ୀତାଙ୍କ ମା'ଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦେବାକୁ କୋର୍ଟ ଡିଷ୍ଟ୍ରିକ୍ଟ ଲିଗାଲ ସର୍ଭିସେଷ୍ ଅଥୋରିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ଏପ୍ରିଲ ୧୧ ସନ୍ଧ୍ୟାରେ ପୀଡ଼ିତା ଉକ୍ତ ସାହିରେ ରହୁଥିବା ତାଙ୍କ ମାଉସୀଙ୍କ ଘରକୁ ପିଆଜ ଆଣିବାକୁ ଯାଇଥିଲେ। ହେଲେ ନିକଟରେ ରହୁଥିବା ଅଭିଯୁକ୍ତ ଆନନ୍ଦ ନିବାଳିକାଙ୍କୁ ତାଙ୍କ ରୁମ୍‌କୁ ନେଇଯାଇଥିଲେ। ସେଠାରେ ସେ ଯୌନ ନିର୍ଯାତନା ଦେବା ସହ ବଳପୂର୍ବକ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକାଙ୍କ ହୃଦଘାତରେ ମୃତ୍ୟୁ ହୋଇଯାଇଥିଲା। ଏପଟେ ଝିଅକୁ ନ ପାଇ ପରିବାର ଲୋକ ଜଟଣୀ ଥାନାରେ ନିଖୋଜ ଅଭିଯୋଗ ଦେଇଥିଲେ। ଅନ୍ୟପଟେ ମାଉସୀ ବହୁ ଖୋଜାଖୋଜି କରିବା ପରେ ଅଭିଯୁକ୍ତ ଆନନ୍ଦଙ୍କ ଘର ଆଡ଼େ ନାବାଳିକା ଜଣଙ୍କ ଯାଉଥିବା ସିସିଟିଭି ଯୋଗେ ଜାଣିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଆନନ୍ଦଙ୍କ ଘରର ସ୍ୱାଏ ଲାଇଟ୍ ଭାଙ୍ଗି ଦେଖିବା ପରେ ଘଟଣା ଜଣାପଡ଼ିଥିଲା। ଏନେଇ ପୋଲିସ ଏକ ମାମଲା (ନଂ.୧୨୬/୨୦୧୯) ରୁଜୁ କରି ଅଭିଯୁକ୍ତ ଆନନ୍ଦଙ୍କୁ ଗିରଫ କରିଥିଲା। ଶୁଣାଣି ସମୟରେ ୨୦ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟ ଦସ୍ତାବିଜ ଆଧାରରେ କୋର୍ଟ ରାୟ ପ୍ରକାଶ କରିଛନ୍ତି।।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ସଚେତନତା କାର୍ଯ୍ୟକ୍ରମ

ବୋଲଗଡ଼,୨୭ା୩(ଡି.ଏନ୍.ଏ.)

ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଞ୍ଚଳର ସାଗରଗୁଆଁ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୋମବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପାଳ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁ ଯୋଗଦେଇ କ୍ୟାଡେଟମାନଙ୍କୁ ପୋଲିସ ଏବଂ ଜନସାଧାରଣଙ୍କ ସହିତ ସମ୍ପର୍କର ବିଭିନ୍ନ କାର୍ଯ୍ୟ ବିଷୟରେ ସଚେତନ କରାଇଥିଲେ। ଏଥିରେ ବିଦ୍ୟାଳୟର ୨୮ ଜଣ ନୂତନ କ୍ୟାଡେଟ୍‌ଙ୍କୁ ୟୁନିଫର୍ମ ଓ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି କ୍ୟାଡେଟ୍‌ମାନଙ୍କର ଦାୟିତ୍ୱ ଉକ୍ତ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରୀତମ ଦାସ ଓ ସୁଶାନ୍ତ ପାଇକରାୟ ପ୍ରମୁଖଙ୍କୁ ଦିଆଯାଇଛି। କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ମହାଦେବ ପଟ୍ଟଯୋଶୀ ଏବଂ ବାଙ୍କୋଇ ଫାଣ୍ଡିର ଏଏସ୍‌ଆଇ ଶ୍ରୀନିବାସ ପ୍ରଧାନ ଯୋଗଦେଇଥିଲେ। ପୋଲିସ ଏବଂ ସାଧାରଣ ଜନତା ତଥା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କିପରି ଦୂରତ୍ୱ ନ ରହି ସମ୍ପର୍କ ରହିପାରିବ ସେ ବିଷୟରେ କ୍ୟାଡେଟ୍‌ମାନଙ୍କୁ ସଚେତନ କରାଯାଇଥିଲା। ଏହି ଥାନା ଅଞ୍ଚଳରେ ଉକ୍ତ ବିଦ୍ୟାଳୟରେ ପ୍ରଥମେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଭାବେ ୧୪ ଛାତ୍ର ଏବଂ ୧୪ ଛାତ୍ରୀଙ୍କୁ ନେଇ ୨୮ ଜଣିଆ କ୍ୟାଡେଟ୍ ୱିଙ୍ଗ୍ ଗଠନ କରାଯାଇଛି।

# ଶିକ୍ଷକ ତାଲିମ ଶିବିର 'ସହଯୋଗ' ଉଦ୍‌ଘାଟିତ



ଶିକ୍ଷକ ତାଲିମ ଶିବିରରେ ଯୋଗଦେଇଥିବା ଅତିଥି।

ବେଗୁନିଆ,୨୭ା୩(ଡି.ଏନ୍.ଏ.)

### ବିଦ୍ୟାଳୟ ଭିତ୍ତିଭୂମିର ହେବ ବିକାଶ

ଖୋର୍ଦ୍ଧା ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଶିକ୍ଷକ ତାଲିମ ଶିବିର 'ସହଯୋଗ-୨' ବେଗୁନିଆ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ବାସୁଦେବ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରକୁ ବେଗୁନିଆ ବ୍ଲକ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀ ଦେଈ, ବିଆରସିସି ସୁରେଶ ଚନ୍ଦ୍ର ସେଠୀ, ଏବିଇଓ ଦାଶରଥି ପ୍ରଧାନ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। ୩ଦିନି ଧରି ଆୟୋଜିତ ହେବାକୁ ଥିବା ଏହି ଶିବିରରେ ବେଗୁନିଆ ଗୋଷ୍ଠୀ ଶିକ୍ଷା ବିଭାଗର ୧୬୩ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ତାଲିମ ଦିଆଯାଇଛି। ବରିଷ୍ଠ ଶିକ୍ଷକ ଅଜୟ କୁମାର ସୁବୁଦ୍ଧି ଓ ସୁଧାକର ସେଠୀ ପ୍ରଶିକ୍ଷଣ ଦେଇଥିଲେ। ସରକାରଙ୍କ ମାର୍ଗଦର୍ଶିକାକୁ କିଭଳି ଭାବେ ସଠିକ୍ ସଞ୍ଚାଳନ ଏବଂ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଇଛି। ତେବେ ସର୍ବାଙ୍ଗୀନ ଉନ୍ନତି ଓ ଶୈକ୍ଷିକ ବାତାବରଣ ସୃଷ୍ଟି କରିବାକୁ ହେଲେ ବିଦ୍ୟାଳୟରେ ପରିଚାଳନା କମିଟି ଗଠନ କରିବା ନିହାତି ଆବଶ୍ୟକ। ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରିବା ପାଇଁ କି ପ୍ରକାର ମାର୍ଗଦର୍ଶିକା ଜାରି କରାଯାଇଛି ସେ ସମ୍ପର୍କରେ ସୂଚନା ଦିଆଯାଇଛି। ପ୍ରଶିକ୍ଷଣ ନେଇଥିବା ଶିକ୍ଷକମାନେ ନିଜ ନିଜ ବିଦ୍ୟାଳୟରେ ଏପ୍ରିଲ ପ୍ରଥମ ସପ୍ତାହରୁ କମିଟିର ସଦସ୍ୟମାନଙ୍କୁ ପ୍ରଶିକ୍ଷଣ ଦେବେ ବୋଲି ନିଷ୍ପତ୍ତି ହୋଇଛି। ବରିଷ୍ଠ ଶିକ୍ଷକ ବସନ୍ତ କୁମାର ପ୍ରହରାଜ, ସରୋଜ ବେହେରା, ସନ୍ତୋଷ ମହାପାତ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ଓମ୍‌ସାଇ ଏକାଦଶ, ବାବା ୱାରିୟର୍ସ ବିଜୟୀ

ଖୋର୍ଦ୍ଧା ଅଫିସ,୨୭ା୩



ଅତିଥିଙ୍କଠାରୁ ଦୁଇ ଖେଳାଳି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

### କେପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ ଅନ୍ତର୍ଗତ ମା'ବଘେଇ ଖେଳ ପଡିଆରେ ସ୍ଥାନୀୟ ସ୍ୱସ୍ତିକ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଇପଦର ପ୍ରିମିୟର ଲିଗ(କେପିଏଲ) କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ସୋମବାର ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓମ୍‌ସାଇ ଏକାଦଶ ଓ ବାବା ୱାରିୟର୍ସ ବିଜୟୀ ହୋଇଛନ୍ତି। ସ୍ଥାନୀୟ ଖେଳପଡିଆରେ ପ୍ରଥମ ମ୍ୟାଚ୍ ଇଗଲ ୱାରିୟର୍ସ ଏବଂ ଓମ୍‌ସାଇ ଏକାଦଶ ମଧ୍ୟରେ ହୋଇଥିଲା। ଟସ୍ ଜିତି ଇଗଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ୭ ଉଇକେଟ ବିନିମୟରେ ୭୫ରନ ସଂଗ୍ରହ କରିଥିଲା। ଜବାବରେ ଓମ୍‌ସାଇ ଟିମ୍ ୧୩.୧ ଓଭରରେ ଆବଶ୍ୟକ ୭୬ରନ କରି ବିଜୟୀ ହୋଇଥିଲା। ବିଶ୍ୱନାଥ ପାଲଟାସିଂହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ବାବା ମହାକାଳ ମାଇନ୍ସ ଏବଂ ବାବା ୱାରିୟର୍ସ ମଧ୍ୟରେ ହୋଇଥିଲା। ବାବା ୱାରିୟର୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୨୬ରନ ସଂଗ୍ରହ କରିଥିଲା। ଜବାବରେ ମହାକାଳ ମାଇନ୍ସ ଆରମ୍ଭରୁ ଆକ୍ରମାଣତ୍ମକ ଢଙ୍ଗରେ ଖେଳିଥିଲେ ମଧ ପରବର୍ତ୍ତୀ ପର୍ଯ୍ୟାୟରେ ଲଗାତାର ଉଇକେଟ ପଡ଼ିଥିଲା। ଦଳ ସମସ୍ତ ଉଇକେଟ ହରାଇ ୧୧୪ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ବାବା ୱାରିୟର୍ସ ୧୦ରନ ବ୍ୟବଧାନରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଯଶୋବନ୍ତ ହରିଚନ୍ଦନ ୩ଟି ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଭୟ ମ୍ୟାଚକୁ ଗୋପୀନାଥ ମାଝି ଓ ଝଜ କିଶୋର ସାମନ୍ତରାୟ ପରିଚାଳନା କରିଥିବା ବେଳେ ତପୁ ରଣସିଂ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ମ୍ୟାଚରେ ପ୍ରବୀଣ ରାଉତରାୟ, ଦିଲୀପ ପାଇକରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ ସହ ପୁରସ୍କାର ବିତରଣ କରିଥିଲେ।

# 'ପିଲାଙ୍କ ବିକାଶରେ ଶିକ୍ଷକଙ୍କ ଭୂମିକା ଅପରିହାର୍ଯ୍ୟ'

ଖୋର୍ଦ୍ଧା ଅଫିସ,୨୭ା୩



ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀ ମେଳା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀ ମେଳା

ଖୋର୍ଦ୍ଧା ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଖୋର୍ଦ୍ଧା ମଣ୍ଡଳସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଶିକ୍ଷଣ-ଶିକ୍ଷାଦାନ ସାମଗ୍ରୀ ମେଳା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କମଳାରାଣୀ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଉଦ୍‌ଘାଟନ କରିଥିଲେ। ଉତ୍ତମ ଛାତ୍ର ଗଠନ ଦିଗରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅପରିହାର୍ଯ୍ୟ ବୋଲି ବିଧାୟକ ମିତ୍ର କହିଥିଲେ। ମୁଖ୍ୟ ବକ୍ତା ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. ତାପସ କୁମାର ନାୟକ କହିଥିଲେ, ଶିକ୍ଷଣ-ଶିକ୍ଷାଦାନର ଆବଶ୍ୟକତା ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ତାଲିମ ପ୍ରତିଷ୍ଠାନର ବରିଷ୍ଠ ତାଲିମ୍‌ଦାତା ଶିକ୍ଷୟିତ୍ରୀ ବନ୍ଦିତା ପଟ୍ଟନାୟକ ଶିକ୍ଷାର୍ଥୀମାନଙ୍କ ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନର ବିକାଶ ନିମନ୍ତେ ଶିକ୍ଷକମାନଙ୍କ ଉପଯୁକ୍ତ ମାର୍ଗଦର୍ଶନର ଆବଶ୍ୟକତା ରହିଛି ବୋଲି କହିଥିଲେ।

ଉଦ୍‌ଯାପନୀ ଦିବସରେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନ୍‌ସିଂହ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ୬ ଜଣ ଶ୍ରେଷ୍ଠ ଶିକ୍ଷଣ ଶିକ୍ଷାଦାନ ସାମଗ୍ରୀ ଆଣିଥିବା ଶିକ୍ଷୟିତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ ସୁଜାତା ପ୍ରିୟମ୍ବଦା ଶ୍ରୀ ଶାଳେଶ୍ୱରଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅରୁଣାବାଳା ଜେନା ସରକାରୀ ପ୍ରାଥମିକ ବିଦ୍ୟାଳୟ ଫରେଷ୍ଟ କଲୋନି, ବାସନ୍ତୀ ଦେଈ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜାଗୁଳେଇପାଟଣା, ତନୁଜା ସାହୁ ସରକାରୀ ଉଚ୍ଚ ବିଦ୍ୟାଳୟ କାଇପଦର, ସ୍ମରଣିକା ମହାପାତ୍ର ସରକାରୀ ପ୍ରାଥମିକ ବିଦ୍ୟାଳୟ ପାଣିଛତ୍ର ଏବଂ ମମତା ବେହେରା ନିଆଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନା ସଂଯୋଜକ ଯୁଧିଷ୍ଠିର ସାହୁ, ରେବତୀ ପଣ୍ଡା, ପ୍ରଦ୍ୟୁମ୍ନ ମିଶ୍ର, ରବିନାରାୟଣ ପଣ୍ଡା, ଅମିୟ କୁମାର ପରିଡ଼ା, ଧ୍ରୁବଚରଣ ରଣା, ରବି ନାରାୟଣ ସାହୁ, ରବୀନ୍ଦ୍ର ପ୍ରଧାନ, ଅମିୟ ଜେନା, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ସୁଶାନ୍ତ କୁମାର ସାହୁ, ବିକାଶ କୁମାର ମୁଦୁଲି ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ସଭା ସଂଯୋଜନା କରିଥିଲେ।

